Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୧୧, ଭୁବନେଶ୍ୱର, ଜାନୁଆରୀ ୨୯- ଫେବୃଆରୀ ୪, ୨୦୨୪

Vol-1, Issue-11, Bhubaneswar, January 29- Feb. 4, 2024


# ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୭ ଜଣଙ୍କୁ ପଦ୍ମ ଭୂଷଣ

**ନୂଆଦିଲ୍ଲୀ:** ସାଧାରଣ ଦିବସର ଅବ୍ୟବହିତ ପୂର୍ବରୁ ଘଟଣା ସନ୍ଧ୍ୟାରେ କେନ୍ଦ୍ର ସରକାର ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି। ଚଳିତ ବର୍ଷ ୫ ଜଣଙ୍କୁ ପଦ୍ମ ବିଭୁଷଣ, ୧୭ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୦ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ଏଥିନିମନ୍ତେ ସେମାନଙ୍କ ନାଁ ଘୋଷଣା କରାଯାଇଛି।

ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ବରିଷ୍ଠ ଅଭିନେତ୍ରୀ ବୈଜୟନ୍ତୀମାଲା, ବରିଷ୍ଠ ଅଭିନେତା ଚିରଞ୍ଜୀବି, ତାମିଲନାଡୁର ନୃତଶିଳ୍ପୀ ପଦ୍ମା ସୁବମର୍ଣ୍ଣୟମଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ।







ସମାଜସେବା ପାଇଁ ବିନ୍ଦେଶ୍ୱର ପାଠକଙ୍କୁ ମରଣତ୍ତୋର ଭାବେ ପଦ୍ମ ବିଭୁଷଣ ସମ୍ମାନ ଦିଆଯିବ।

କେନ୍ଦ୍ର ସରକାର ଯେଉଁ ୧୭ ଜଣଙ୍କ ନାଁ ପଦ୍ମ ଭୂଷଣ ପାଇଁ ଘୋଷଣା କରିଛନ୍ତି, ସେମାନଙ୍କ ମଧ୍ୟରେ ସୁପ୍ରିମ କୋର୍ଟର ପ୍ରଥମ ମହିଳା ବିଚାରପତି ଫାତିମା ବିବି, ପୂର୍ବ କେନ୍ଦ୍ର ମନ୍ତ୍ରୀ ରାମ ନାଏକ, ଅଭିନେତା ମିଥୁନ ଚକ୍ରବର୍ତ୍ତି ସାମିଲ ଅଛନ୍ତି। ସେମାନଙ୍କ ବାଦ ଗାୟିକା ଉଷା ଉଥୁପ୍, ସତ୍ୟବ୍ରତ ମୁଖାର୍ଜୀ, ଉଦ୍ୟୋଗପତି ସୀତାରାମ ଜିନ୍ଦଲ , ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଅଶ୍ୱିନ ବାଲଚନ୍ଦ ମେହତା, ପୂର୍ବ କେନ୍ଦ୍ର ମନ୍ତ୍ରୀ ସତ୍ୟବ୍ରତ ମୁଖର୍ଜୀ, ସଙ୍ଗୀତକାର ପ୍ୟାରେଲାଲ ଶର୍ମା, ଅଭିନେତା ବିଜୟକାନ୍ତ ପ୍ରମୁଖଙ୍କ ନାଁ ମଧ୍ୟ ପଦ୍ମ ଭୂଷଣ ପୁରସ୍କାର ତାଲିକାରେ ସାମିଲ ହୋଇଛି।

ଏହାବ୍ୟତୀତ ୧୧୦ ଜଣଙ୍କ ନାଁ ପଦ୍ମଶ୍ରୀ ସମ୍ମାନ ପାଇଁ ଘୋଷଣା ହୋଇଛି। ପଦ୍ମଶ୍ରୀ ଲାଗି ମନୋନୀତ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶାରୁ ୨ ଜଣ ଅଛନ୍ତି। ସେମାନେ ହେଉଛନ୍ତି ଗଞ୍ଜାମ ଗୋପୀନାଥ ସ୍ୱାଇଁ ଓ ବରଗଡ଼ର ଭାଗବତ ପ୍ରଧାନ । ଲୋକନାଟକ କୃଷ୍ଣ ଲୀଳାର ସଂଗୀତକାର ହେଉଛନ୍ତି ଗୋପୀନାଥ ସ୍ୱାଇଁ। ସେହିପରି ଲୋକନୃତ୍ୟ 'ଶବ୍ଦ ନୃତ୍ୟ'ର ବିଶିଷ୍ଟ କଳାକାର ହେଉଛନ୍ତି ଭାଗବତ ପ୍ରଧାନ।

## ଗୋପୀନାଥ ସ୍ୱାଇଁ ଓ ଭାଗବତ ପ୍ରଧାନଙ୍କୁ ମିଳିବ ପଦ୍ମଶ୍ରୀ ସମ୍ମାନ

ଭୁବନେଶ୍ୱର (ଭିଓଭି): ପଦ୍ମଶ୍ରୀ ପୁରସ୍କାର ଘୋଷଣା ପରେ ଖୁସି ବ୍ୟକ୍ତ କରିଛନ୍ତି ଗୋପୀନାଥ ସ୍ୱାଇଁ। ତାଙ୍କ ନାତି ଅମୀତ ସ୍ୱାଇଁ କହିଛନ୍ତି, ଆଜି ଅପରାହ୍ନ ୪ ଟାରେ ଖବର ପାଇଥିଲି। ଏ ସମ୍ପର୍କରେ ଜେଜେଙ୍କୁ କହିଥିଲି।

୨୦୨୪ ମସିହା ପାଇଁ ସମ୍ମାନଜନକ ପଦ୍ମ ପୁରସ୍କାର ଘୋଷଣା ହୋଇଛି। ପଦ୍ମଶ୍ରୀ ଲାଗି ମନୋନୀତ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶାରୁ ୨ ଜଣ ଅଛନ୍ତି। ଗଞ୍ଜାମ ଗୋପୀନାଥ ସ୍ୱାଇଁଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର। ଲୋକନାଟକ କୃଷ୍ଣ ଲୀଳାର ସଂଗୀତକାର ହେଉଛନ୍ତି ଗୋପୀନାଥ ସ୍ୱାଇଁ। ସେହିପରି ବରଗଡ଼ର ଭାଗବତ ପ୍ରଧାନଙ୍କୁ ମଧ୍ୟ ପଦ୍ମଶ୍ରୀ ପୁରସ୍କାର ମିଳିବ। ଲୋକନୃତ୍ୟ 'ଶବ୍ଦ ନୃତ୍ୟ'ର ବିଶିଷ୍ଟ କଳାକାର ହେଉଛନ୍ତି ଭାଗବତ ପ୍ରଧାନ।

ପଦ୍ମଶ୍ରୀ ପୁରସ୍କାର ଘୋଷଣା ପରେ ଖୁସି ବ୍ୟକ୍ତ କରିଛନ୍ତି ଗୋପୀନାଥ ସ୍ୱାଇଁ। ତାଙ୍କ ନାତି ଅମୀତ ସ୍ୱାଇଁ କହିଛନ୍ତି, ଆଜି ଅପରାହ୍ନ ୪ ଟାରେ ଖବର ପାଇଥିଲି। ଏ ସମ୍ପର୍କରେ ଜେଜେଙ୍କୁ କହିଥିଲି। ଏକଥା ଶୁଣିବା ପରେ ଜେଜେ ବହୁତ ଖୁସି ହୋଇଥିଲେ। ମୋ ଜେଜେଙ୍କୁ ଯେତେବେଳେ ୬ରୁ ୭ ବର୍ଷ ହୋଇଥିଲା, ସେତେବେଳୁ ସେ ସଙ୍ଗୀନ ସାଧନା ଆରମ୍ଭ କରିଥିଲେ। ଆଜି ପର୍ଯ୍ୟନ୍ତ ସେହି ସାଧନା ଜାରୀ ରଖିଛନ୍ତି। ପ୍ରତିଦିନ ଜୀବନ ଚର୍ଯ୍ୟାକୁ ଦେଖିଲେ, ଜେଜେଙ୍କ ବୟସ ୧୦୬ ବର୍ଷ। ଏବେବି ସେ ଚଞ୍ଚଳ। ପ୍ରତ୍ୟେକ ରାତି ୩ଟାରୁ ଉଠନ୍ତି। ଠାକୁର ପୂଜା କରନ୍ତି ଓ ମନ୍ଦିର ଯାଆନ୍ତି ବୋଲି ଅମୀତ କହିଛନ୍ତି।

ଚଳିତବର୍ଷ ୩୪ ଜଣ ପଦ୍ମଶ୍ରୀ ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି।

## ବିଜେପି ବିରୋଧରେ କେଜ୍ରିଓ୍ୱାଲଙ୍କ ଖୁଲାସା

## ଆପ୍ ବିଧାୟକଙ୍କୁ ମିଳିଛି ୨୫ କୋଟି ଲେଖାଏଁର ଅଫର

ନୂଆଦିଲ୍ଲୀ (ଭିଓଭି): 'ଦିଲ୍ଲୀରେ ପଦ୍ମ ଫୁଟାଇବାକୁ ଫୁଲ୍ ଦମରେ ଲାଗିଛି ବିଜେପି। ଏପରିକି ଆପ୍ ଛାଡ଼ି ବିଜେପିରେ ମିଶିବାକୁ ୨୫ କୋଟି ଲେଖାଏର ଅଫର । ଏଥିସହ ବିଜେପି ଟିକେଟରେ ନିର୍ବାଚନ ଲଢ଼ିବାର ଲୋଭ ବି ଦେଖାଯାଉଛି। ' ବିଜେପି ବିରୋଧରେ ଏପରି ସାଂଘାତିକ ଅଭିଯୋଗ ଆଣିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ଏହାର ଯଥେଷ୍ଟ ତଥ୍ୟ, ପ୍ରମାଣ ପାଖରେ ଥିବା ବେଳେ



ସମୟ ଆସିଲେ ତାହାକୁ ସାର୍ବଜନିନ କରିବେ ବୋଲି ବି ଚେତାଇ ଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ନିଜ ସୋଶାଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, କିଛି ଦିନ ପୂର୍ବେ ବିଜେପି ପକ୍ଷରୁ ଆମର ୭ ବିଧାୟକଙ୍କ ସହ ଯୋଗାଯୋଗ କରାଯାଇଥିଲା। କିଛି ଦିନରେ କେଜ୍ରିଓ୍ୱାଲଙ୍କୁ ଗିରଫ କରାଯିବ। ଏହାପରେ ଦିଲ୍ଲୀରେ ଆପ୍ ସରକାର ଭାଙ୍ଗିଯିବ ବୋଲି କହି ଆମ ଦଳର ବିଧାୟକଙ୍କୁ ଭ୍ରମିତ କରାଯାଉଛି। ଏଥିନିମନ୍ତେ ସେମାନେ ଆମର ୨୧ ବିଧାୟକଙ୍କ ସହ ଆଲୋଚନା କରି ସାରିଥିବା ବେଳେ ଆଉ କିଛି ବିଧାୟକଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

# ବିଶ୍ୱରେ ୫ ଜଣ ଧନୀଙ୍କ ଧନ ଦୁଇ ଗୁଣ ବଢ଼ିଛି, ୫୦୦ କୋଟି ଗରିବ !

**ନୂଆଦିଲ୍ଲୀ:** ବିଶ୍ୱରେ ଧନୀ ବ୍ୟକ୍ତି ଅଧିକ ଧନୀ ହୋଇଚାଲିଥିବା ବେଳେ ଗରିବ ଅଧିକ ଗରିବ ହୋଇ ରହିଯାଉଛି। ପୃଥିବୀର ମାତ୍ର ପାଞ୍ଚ ଜଣ ଧନୀ ବ୍ୟକ୍ତିଙ୍କ ଧନ ଦୁଇ ଗୁଣ ବଢ଼ିଥିବାବେଳେ ୫୦୦ କୋଟି ଲୋକ ଅଧିକ ଗରିବ ହୋଇଯାଇଛନ୍ତି। ଏକଥା ଆମେ କହୁନୁ, ଅକ୍ସଫାମର 'ଇନେକ୍ୱାଲିଟି ଇଙ୍କ୍' ବାର୍ଷିକ ରିପୋର୍ଟ ଏହା ଦର୍ଶାଇଛି।

Oxfam ହେଉଛି ଏକ ଏନଜିଓ ସଂସ୍ଥା, ଯାହା ବିଶ୍ୱସ୍ତରରେ ଅର୍ଥନୈତିକ, ଦାରିଦ୍ର୍ୟ ଉପରେ ଆଲୋକପାତ କରେ। ୨୦୧୪ ମସିହା ପରଠାରୁ ଏହି ସଂସ୍ଥା ସଂଗ୍ରହ କରିଥିବା ତଥ୍ୟକୁ ବିଶ୍ୱ ଅର୍ଥନୈତିକ ଫୋରମ (WEF)ରେ ଉପସ୍ଥାପନ କରିଆସୁଛି, ଯାହା ବିଶ୍ୱର ଆର୍ଥିକ ଅସମାନତାକୁ ପ୍ରତିପାଦନ କରେ ଏବଂ ଆଗାମୀ ଭବିଷ୍ୟତ ପାଇଁ ବ୍ୟବସ୍ଥିତ ପରିବର୍ତ୍ତନ ଉପରେ ଦୃଷ୍ଟି ଆକର୍ଷଣ କରେ।

ନିକଟରେ ଅକ୍ସଫାମ ଏହାର 'ଇନଇକ୍ୟାଲିଟି Inc.' ରିପୋର୍ଟରେ ବିଶ୍ୱର ଅର୍ଥନୈତିକ ଏବଂ ଲିଙ୍ଗଗତ ଅସମାନତାକୁ ଦର୍ଶାଇଛି। ଏହାର ରିପୋର୍ଟରେ ଦର୍ଶାଯାଇଛି ଯେ,



କୋଭିଡ ମହାମାରୀ ଅର୍ଥାତ୍ ୨୦୨୦ ମସିହା ପରଠାରୁ ବିଶ୍ୱର ପାଞ୍ଚ ଜଣ ଅରବପତିଙ୍କ ସମ୍ପତ୍ତି ଦ୍ୱିଗୁଣିତ ହୋଇଯାଇଛି, ମାତ୍ର ଏପରି ସମୟରେ ଶହ ଶହ କୋଟି ଲୋକ ଗରିବ ହୋଇ ରହିଯାଇଛନ୍ତି।

ଏହି ତାଲିକାରେ କର୍ପୋରେଟ ଏବଂ ବିଶ୍ୱର ଟପ୍ ଟେନ୍ ଧନୀଙ୍କ ମଧ୍ୟରେ ସାତ ଜଣ ବଡ଼ ବଡ଼ କମ୍ପାନୀର ସିଇଓ କିମ୍ବା ଶେୟାରହୋଲ୍ଡର ଅଛନ୍ତି।

ବିଶ୍ୱର ଆର୍ଥିକ ଅସମାନତା ଦୃଷ୍ଟିରୁ ପୃଥିବୀର ଶ୍ରେଷ୍ଠ ପାଞ୍ଚ ଜଣ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ବୃଦ୍ଧି ହୋଇଥିବା ଏହି ରିପୋର୍ଟ ଦର୍ଶାଯାଇଛି। ୨୦୨୦ ପରଠାରୁ ଦୁନିଆର ପାଞ୍ଚ ଜଣ ଧନୀ ବ୍ୟକ୍ତିଙ୍କ ଅର୍ଥ ଦ୍ୱିଗୁଣିତ ହୋଇ ୮୬,୯୦୦ କୋଟି ଡ଼ଲାରରେ ପହଞ୍ଚିଛି। ଏହି ତାଲିକାରେ ଟେସଲା ଏବଂ ସ୍ପେସ୍ ଏକ୍ସ ସିଇଓ ଏଲନ୍ ମସ୍କଙ୍କ ଭଳି ହାଇ-ପ୍ରୋଫାଇଲ୍ ଧନୀ ଅଛନ୍ତି।

ସେମାନଙ୍କ ମଧ୍ୟରୁ ଲୁଇ ଭ୍ୟୁଟନ୍ ମୋଏଟ୍ ହେନେସି (LVMH)ର ମାଲିକ ବର୍ନାର୍ଡ ଆର୍ନଲ୍ଟ ଏବଂ ତାଙ୍କ ପରିବାର, ଆମାଜନ୍ ସିଇଓ ଜେଫ୍ ବେଜୋସ୍, ଓରାକଲ୍ ପ୍ରତିଷ୍ଠାତା ଲ୍ୟାରି ଏଲିସନ ଏବଂ ୱାରେନ୍ ବଫେଟ୍, ସିଇଓ ତଥା ନିବେଶ ସଂସ୍ଥାର ମାଲିକ ବେର୍କଶୈର୍ ହଥଓ୍ୱେ ଅଛନ୍ତି। ସମଗ୍ର ବିଶ୍ୱ ମହାମାରୀର ସଙ୍କଟରେ ଗତି କରୁଥିବାବେଳେ ସେମାନଙ୍କ ସମ୍ପତ୍ତି ଗତ ତିନିବର୍ଷ ମଧ୍ୟରେ ୧୧୪% ଅର୍ଥାତ ୪୬,୪୦୦ କୋଟି ଡଲାର ବୃଦ୍ଧି ପାଇଛି।

**ବିଶ୍ୱର ଦାରିଦ୍ର ଏବଂ ଅସମାନତା**

"Inequality Inc." ର ଅନ୍ୟ ଏକ ପ୍ରମୁଖ ସନ୍ଧାନ ବିଶ୍ୱର ଉତ୍ତର ଏବଂ ଅନ୍ୟ ଅଂଶରେ ରହୁଥିବା ଅଧିବାସୀଙ୍କ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ଅସମାନତା ଥିବା ଦର୍ଶାଇଛି। ଏହାର ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱର ଉତ୍ତର ଭାଗରେ ବିଶେଷ କରି ଉତ୍ତର ଆମେରିକା ଏବଂ ପଶ୍ଚିମ ୟୁରୋପରେ ସର୍ବାଧିକ ଧନୀ ଶ୍ରେଣୀର ଲୋକ ରହୁଛନ୍ତି। ଏଠାରେ ବିଶ୍ୱର ମାତ୍ର ୨୦.୬ ପ୍ରତିଶତ ଲୋକ ଥାଇ ମଧ୍ୟ ମାନବ ବିକାଶ ଏବଂ ଶିଳ୍ପାୟନ କ୍ଷେତ୍ରରେ ଅଧିକ ଧନୀ ଶ୍ରେଣୀ ଅଛନ୍ତି। ଏହି ଲୋକମାନେ ବିଶ୍ୱର ଧନ ସମ୍ପତ୍ତିର ୬୯.୩%ର ଅଧିକାରୀ ହୋଇଛନ୍ତି। ବିଶ୍ୱର ୬୫୩ ବିଲିଓନେୟର ବା ଅରବପତି ଏହି ଅଞ୍ଚଳ ବା ଗ୍ଲୋବାଲ୍ ନର୍ଥରେ ବସବାସ କରୁଛନ୍ତି। ଅଥଚ ବିଶ୍ୱର ମୋଟ ଜନସଂଖ୍ୟାର ୭୯.୪% ଅବଶିଷ୍ଟ ୩୦.୭% ଧନର ମାଲିକ ଅଛନ୍ତି।

ଲିଙ୍ଗଗତ ପାର୍ଥକ୍ୟ

ବିଶ୍ୱର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ମହିଳା ଥିବାବେଳେ ବ୍ୟବସାୟ ନେତୃତ୍ୱ ଉପରେ ସେମାନଙ୍କର ସେତେଟା ପ୍ରଭାବ ନାହିଁ। ବିଶ୍ୱବ୍ୟାପୀ କେବଳ ୩୩% ବ୍ୟବସାୟ ମହିଳାଙ୍କ ହାତରେ ରହିଛି। ଏହି ଡାଟା ବ୍ୟବସାୟ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣର ଏକ ବଡ଼ ପାର୍ଥକ୍ୟକୁ ସୂଚାଉଛି। କାରଣ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରରେ (୪୭% ମହିଳା ଅଂଶ) ଥିବାବେଳେ ୟୁରୋପ ଏବଂ ମଧ୍ୟ ଏସିଆ (୩୩%) ରହିଛି। ସେହିପରି ଦକ୍ଷିଣ ଏସିଆରେ ସବୁଠାରୁ ଅସନ୍ତୁଳନ ଦେଖାଯାଉଛି, ଯେଉଁଠାରେ ବ୍ୟବସାୟ ନେତୃତ୍ୱ କ୍ଷେତ୍ରରେ କେବଳ ୧୮% ମହିଳାଙ୍କ ଅଂଶ ରହିଛି।

# ବଣିଜ ବିଚାର: ବିଦେଶ ବଜାରରେ ଭାରତୀୟ ଟଙ୍କା

ଆମେରିକୀୟ ଡଲାର ହେଉଛି ଅନ୍ତର୍ଜାତୀୟ କାରବାରରେ ସର୍ବାଧିକ ବ୍ୟବହୃତ ହେଉଥିବା ମୁଦ୍ରା। ବିଦେଶରୁ କୌଣସି ଦ୍ରବ୍ୟ କିମ୍ବା ସେବା କ୍ରୟ (ଆମଦାନି) କଲା ବେଳେ କିମ୍ବା ବିଦେଶକୁ କୌଣସି ଦ୍ରବ୍ୟ ବା ସେବା ବିକ୍ରି (ରପ୍ତାନି) କଲା ବେଳେ ଭାରତ ସାଧାରଣତଃ ଡଲାର ବ୍ୟବହାର କରିଥାଏ। ତେବେ, ଆମେରିକୀୟ ଡଲାର ବ୍ୟତୀତ ୟୁରୋ, ବ୍ରିଟିସ ପାଉଣ୍ଡ ଏବଂ ଜାପାନୀ ୟେନ ଆଦି ମଧ୍ୟ ଆଜିକାଲି ଅନ୍ତର୍ଜାତୀୟ ମୁଦ୍ରାର ମାନ୍ୟତା ପାଇଲେଣି; କିନ୍ତୁ ଆମେରିକୀୟ ଡଲାରର ପାହ୍ୟା ଶୀର୍ଷତମ ସ୍ଥାନରେ। ସୁତରାଂ, ଯେଉଁ ଦେଶ ପାଖରେ ଡଲାର ଯେତେ ଅଧିକ ପରିମାଣରେ ଗଚ୍ଛିତ ଥାଏ, ସେଇ ଦେଶକୁ ଆର୍ଥିକ ଦୃଷ୍ଟିକୋଣରୁ ସେତେ ସୁଦୃଢ଼ ବୋଲି ବିବେଚନା କରାଯାଏ ଏବଂ ସେହି ସବୁ ଦେଶ ବିଶ୍ୱ ବଜାରରେ ସ୍ୱଚ୍ଛନ୍ଦରେ ବାଣିଜ୍ୟ କାରବାର କରି ପାରନ୍ତି। ଏହି ପରିପ୍ରେକ୍ଷୀରେ କିଛି ମାସ ହେବ ଭାରତୀୟ ଟଙ୍କା ମଧ୍ୟ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ କରିଛି, ଯାହା ବିଶେଷ ପ୍ରଣିଧାନଯୋଗ୍ୟ ଏବଂ ଏହା ଉପରେ ଏକ ଆଲୋଚନା କରାଯାଇପାରେ।

ସଂପ୍ରତି କେତେକ ବିଦେଶୀ ଏଆରପୋର୍ଟରେ 'ୟୁପିଆଇ' ମାଧ୍ୟମରେ ଭାରତୀୟ ମୁଦ୍ରାର ପ୍ରଚଳନ ମଧ୍ୟ ସମ୍ଭବ ହୋଇଛି। ରୁଷିଆ ପକ୍ଷରୁ ଭାରତକୁ କୋଇଲା, ଖଣିଜ ତେ ?ଲ ଏବଂ ସାମରିକ ସରଞ୍ଜାମ ବିକ୍ରି କରାଗଲା ବେଳେ ଭାରତୀୟ ଟଙ୍କା ହିଁ ହୋଇଛି ବ୍ୟବସାୟର ମୁଖ୍ୟ ମାଧ୍ୟମ। ସେମିତି ପ୍ରାୟ ଛଅ ମାସ ହେଲାଣି ସଂଯୁକ୍ତ ଆରବ ଏମିରେଟ୍ ?ସ ବା 'ୟୁ.ଏ.ଇ.' ଠାରୁ ଖଣିଜ ତୈଳ ଖର୍ଦ୍ଦି କଲା ବେଳେ ଡଲାର ପରିବର୍ତ୍ତେ ଭାରତୀୟ ଟଙ୍କା ହିଁ ବ୍ୟବହୃତ ହେଉଛି। ତେବେ, କେବଳ ସେତିକି ନୁହେଁ, ଆହୁରି ୧୮ଟି ଦେଶ ସହ ବାଣିଜ୍ୟ କାରବାର ବେଳେ ଭାରତୀୟ ଟଙ୍କାର ବ୍ୟବହାର ନେଇ ଭାରତ ପକ୍ଷରୁ ଚୁକ୍ତି ସଂପାଦିତ ହୋଇଥିବାର ସମ୍ବାଦ ମିଳୁଛି। ତେଣୁ ଏହି ଉପଲବ୍ ?ଧି ଭାରତୀୟମାନଙ୍କୁ ଆନନ୍ଦିତ କରିବା ସ୍ୱାଭାବିକ।

ଭାରତୀୟ ଟଙ୍କା ବିଶ୍ୱ ବଜାରରେ ପ୍ରବେଶ କରି ଆସ୍ଥାନ ଜମାଇବାକୁ ହେଲେ ଦୁଇଟି କଥା ଗୁରୁତ୍ୱପୂର୍ଣ୍ଣ। ପ୍ରଥମ କଥାଟି ହେଲା ବିଦେଶରୁ କ୍ରୟ କରୁଥିବା ଦ୍ରବ୍ୟ କିମ୍ବା ସେବା ବଦଳରେ ଭାରତ ଟଙ୍କା ଦେବାକୁ ଚାହିଁଲେ ରପ୍ତାନିକାରୀ ଦେଶ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ ଥିବା ଦରକାର। ଦ୍ୱିତୀୟରେ ସେହି ଦେଶ ଅନ୍ୟ କୌଣସି ଦେଶ ସହ ବାଣିଜ୍ୟ କାରବାର କଲା ବେଳେ ଡଲାର ପରିବର୍ତ୍ତେ ଭାରତୀୟ ଟଙ୍କାକୁ ବ୍ୟବହାର କରି ପାରୁଥିବା ଆବଶ୍ୟକ। ତେଣୁ, ଯେତେବେଳେ ଭାରତୀୟ ଟଙ୍କା ମାଧ୍ୟମରେ ଦେଶ-ଦେଶ ମଧ୍ୟରେ ବାଣିଜ୍ୟ କାରବାର ସମ୍ଭବ ହେବ, ସେତିକି ବେଳେ ଅନ୍ତର୍ଜାତୀୟ ମୁଦ୍ରା ଭାବେ ଟଙ୍କାର ବଳ ବଢ଼ିଲା ବୋଲି ବିଚାର କରାଯିବ। ସେଭଳି ସ୍ଥିତି ନ ହେଲା ପର୍ଯ୍ୟନ୍ତ ସେହି ଦେଶ ଭାରତ ଠାରୁ କୌଣସି ଦ୍ରବ୍ୟ ବା ସେବା କ୍ରୟ କଲା ବେଳେ ସେହି ଟଙ୍କାକୁ ଭାରତକୁ ଫେରସ୍ତ ଦେବାକୁ ଚାହିଁବ। ଏଭଳି ସ୍ଥିତିରେ ସେହି ଦେଶ ଭାରତ ଠାରୁ ବିପୁଳ ପରିମାଣରେ ଦ୍ରବ୍ୟ ବା ସେବା କ୍ରୟ କରୁଥିବା ଆବଶ୍ୟକ, ଯାହା ଫଳରେ ତା' ପାଖରେ ଥିବା ଭାରତୀୟ ଟଙ୍କାକୁ ସେ ଅନ୍ୟ କେଉଁ ଦେଶକୁ ଦେଇ ନ ପାରିବା ସ୍ଥଳେ ଅନ୍ତତଃ ଭାରତକୁ ଫେରାଇ ତା'ର ଖର୍ଚ୍ଚ କରିପାରିବ। ତାହା ନ ହେଲେ କେ ?ଣସି ଦେଶ ଭାରତୀୟ ମୁଦ୍ରା ଟଙ୍କାକୁ ବିନିମୟ ମାଧ୍ୟମ ରୂପେ କାହିଁକି ବା ଗ୍ରହଣ କରିବାକୁ ରାଜି ହେବ ?

୨୦୨୩ ମସିହା ଜୁଲାଇ ପର ଠାରୁ ଭାରତ ୟୁ.ଏ.ଇ. ଠାରୁ ଯେଉଁ ଖଣିଜ ତୈଳ କ୍ରୟ କରିବ, ତା'ର ମୂଲ୍ୟ ସେ ଟଙ୍କାରେ ପୈଠ କରିବ ବୋଲି ଚୁକ୍ତି ସଂପାଦିତ ହୋଇଛି। ଏହା ଦ୍ୱାରା ଭାରତ ଉପରୁ ଡଲାର ଯୋଗାଡ଼ର ବୋଝ (ଯଦିଓ ବିଶେଷ ନୁହେଁ) ହ୍ରାସ ପାଇବ। ସେହି ଭଳି ରୁଷିଆ ସହିତ ଭାରତର ବାଣିଜ୍ୟିକ କାରବାର 'ଟଙ୍କା ଓ ରୁବଲ' ବିନିମୟରେ ଚାଲିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ-ୟୁଏଇ ମଧ୍ୟରେ ସମୁଦାୟ ୮୪.୫ ବିଲିଅନ ଡଲାରର ବାଣିଜ୍ୟ କାରବାର ହୋଇଥିଲା। ଖଣିଜ ତେ ?ଲକୁ ବାଦ ଦେଇ ଅନ୍ୟ ଦ୍ରବ୍ୟ ଓ ସେବାର କ୍ରୟ-ବିକ୍ରୟର ପରିମାଣ ହେଉଛି ବର୍ଷକୁ ୫୦ ବିଲିଅନ ଡଲାର। ଉଲ୍ଲେଖ ଥାଉ କି, ଭାରତର ନୂଆ ବାଣିଜ୍ୟ ନୀତି ମୁତାବକ ଗତ ବର୍ଷ ଭାରତ ଓ ୟୁ.ଏ.ଇ. ମଧ୍ୟରେ 'ସମ୍ୟକ ଆର୍ଥିକ ଅଂଶୀଦାରି ଚୁକ୍ତି' ବା 'ସେପା' ସ୍ୱାକ୍ଷରିତ ହୋଇଛି, ଯାହା ଫଳରେ ୟୁ.ଏ.ଇ.କୁ ଭାରତର ରପ୍ତାନି ବାର୍ଷିକ ୧୪% ହାରରେ ବଢ଼ିବାକୁ ଲାଗିଛି।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ



# ବିଶୃଙ୍ଖଳା କେଉଁଠି ?

ଡଃ ରୀନା ରାଉତରାୟ

କେବଳ ବୟସ୍କ ଓ ଅସୁସ୍ଥ ବ୍ୟକ୍ତି କାହିଁକି, ଜଣେ ସାଧାରଣ ଯୁବ ଭକ୍ତଙ୍କ ପାଇଁ ମଧ୍ୟ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଅସମ୍ଭବ ହୋଇ ଗଲାଣି।

ଆଉ କିଛି ଦିନ ପରେ ଏହିପରି ସରକାରୀ ବିଜ୍ଞପ୍ତି ବୋଧେ ପ୍ରକାଶ ପାଇବ ଯେ କେବଳ ପ୍ରୋଟୋକଲରେ ଯାଇ ପାରୁଥିବା ଭିଆଇପିଙ୍କ ପାଇଁ ହିଁ ଜଗନ୍ନାଥଙ୍କ ଦର୍ଶନ ବ୍ୟବସ୍ଥା ରହିବ। ଅନ୍ୟ କୌଣସି ବର୍ଗର ଭକ୍ତମାନଙ୍କୁ ମନ୍ଦିର ନ ଆସିବାକୁ ଅନୁରୋଧ କରାଯାଉ ଅଛି।

ଏଠାରେ ପ୍ରଶ୍ନ ଉଠୁଛି ଆମେ ବ୍ୟବସ୍ଥାର ତ୍ରୁଟିକୁ ସଂଶୋଧନ କରିବା ନା ନିଜର ଅପାରଗତାକୁ ଲୁଚାଇବାକୁ ଯାଇ ସମସ୍ୟାଠାରୁ ଦୂରେଇଯିବା ?

ସାଧାରଣତଃ ବୟସର ଅପରାହ୍ନରେ ବା ସ୍ୱାସ୍ଥ୍ୟଗତ/ବ୍ୟକ୍ତିଗତ ସମସ୍ୟାରେ ଜର୍ଜରିତ ମଣିଷଟିଏ ହିଁ ପ୍ରଭୁଙ୍କ ଶରଣାପନ୍ନ ହେବାକୁ ଧାଇଁ ଆସେ ତା'ର ପ୍ରିୟ ଠାକୁର ଜଗତର ନାଥ ଜଗନ୍ନାଥଙ୍କ ନିକଟକୁ। ଚକା ଡୋଳାକୁ ଥରଟିଏ ଚାହିଁ ତା'ର ଆତ୍ମନିବେଦନ କରିଦେଲେ ହାଲୁକା ହୋଇଯାଏ ତାର ତନୁ ମନ। ଆଜି ନୁହେଁ, ଯୁଗ ଯୁଗ ଧରି ପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ସର୍ବଶେଷ ଆଶା ଭରସା, ଦୁଃଖସୁଖର ସାଥୀ, ତା'ର ନିକଟତମ ଆତ୍ମୀୟ।

ଆମ ଶାସ୍ତ୍ର ଅନୁଯାୟୀ କାର୍ତ୍ତିକ ମାସକୁ ଧର୍ମ ମାସ ବୋଲି ଧରାଯାଏ। ଏହି ମାସରେ ସାଧାରଣତଃ ବୟସ୍କ ବୃଦ୍ଧାମାନେ ହବିଷ ବ୍ରତ ପାଳନ କରିଥାନ୍ତି। ଓଳିଏ ଖାଇ ପୂଜା ବ୍ରତରେ ସମୟ ବିତାନ୍ତି। ଉପାସରେ ରହି ପ୍ରଭୁ ଜଗନ୍ନାଥଙ୍କୁ ଥରଟିଏ ଦର୍ଶନ ପାଇଁ ରାଜ୍ୟର ଦୂର ଦୁରାନ୍ତରରୁ ଧାଇଁ ଆସି ଥାଆନ୍ତି। ମାତ୍ର ଏତେ ଦୂରରୁ ଆସି ଶେଷରେ ପ୍ରଭୁଙ୍କ ଖୋଦ ଦ୍ୱାରଦେଶରେ ଏହିପରି କଷ୍ଟ ପାଉଥିବା ଦେଖିବା ପରେ ମଧ୍ୟ ତାହାକୁ ସଜାଡ଼ିବା ପରିବର୍ତ୍ତେ ପଳାୟନପନ୍ଥୀ ସାଜି ଏପରି ଦାୟିତ୍ୱହୀନ ମନ୍ତବ୍ୟମାନ ଦେବା କେତେଦୂର ସମିଚୀନ ?



**ଆମ ଶାସ୍ତ୍ର ଅନୁଯାୟୀ କାର୍ତ୍ତିକ ମାସକୁ ଧର୍ମ ମାସ ବୋଲି ଧରାଯାଏ। ଏହି ମାସରେ ସାଧାରଣତଃ ବୟସ୍କ ବୃଦ୍ଧାମାନେ ହବିଷ ବ୍ରତ ପାଳନ କରିଥାନ୍ତି। ଓଳିଏ ଖାଇ ପୂଜା ବ୍ରତରେ ସମୟ ବିତାନ୍ତି। ଉପାସରେ ରହି ପ୍ରଭୁ ଜଗନ୍ନାଥଙ୍କୁ ଥରଟିଏ ଦର୍ଶନ ପାଇଁ ରାଜ୍ୟର ଦୂର ଦୁରାନ୍ତରରୁ ଧାଇଁ ଆସି ଥାଆନ୍ତି। ମାତ୍ର ଏତେ ଦୂରରୁ ଆସି ଶେଷରେ ପ୍ରଭୁଙ୍କ ଖୋଦ ଦ୍ୱାରଦେଶରେ ଏହିପରି କଷ୍ଟ ପାଉଥିବା ଦେଖିବା ପରେ ମଧ୍ୟ ତାହାକୁ ସଜାଡ଼ିବା ପରିବର୍ତ୍ତେ ପଳାୟନପନ୍ଥୀ ସାଜି ଏପରି ଦାୟିତ୍ୱହୀନ ମନ୍ତବ୍ୟମାନ ଦେବା କେତେଦୂର ସମିଚୀନ ?**

ଗତ କିଛି ବର୍ଷ ଧରି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନଓଭିଳାଷୀ ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ବ୍ୟବସ୍ଥା ମାନ କରାଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ବାହାର ରାଜ୍ୟ ପରି ବ୍ୟାରିକେଡ଼ ଓ ଧାଡ଼ି ଦର୍ଶନର ବ୍ୟବସ୍ଥାକୁ ଅନୁକରଣ କରିବା ଭଲ କଥା। କିନ୍ତୁ ସେହି ବ୍ୟାରିକେଡ଼ଟିକୁ ଆଉ ଟିକେ ଚଉଡ଼ା କରି ସେ ଭିତରେ ବସିବା ପାଇଁ ଓ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ରହିବା ଉଚିତ୍। ଉକ୍ତ ବ୍ୟାରିକେଡ଼ ଭିତରେ ସମସ୍ତେ କ୍ରମାନ୍ୱୟରେ ଧାଡ଼ିକରି ଚାଲି ଚାଲି ଯାଇ ପ୍ରଭୁଙ୍କୁ ଦର୍ଶନ କରି ପାରନ୍ତେ। କିନ୍ତୁ ବର୍ତ୍ତମାନ ବ୍ୟବସ୍ଥାରେ ମନ୍ଦିର ବାହାରୁ ଭିତର ପର୍ଯ୍ୟନ୍ତ ମଝିରେ ମଝିରେ ଭକ୍ତଙ୍କୁ ଅଟକାଇ ରଖି ଏକ ସାଙ୍ଗରେ ଦର୍ଶନ ପାଇଁ ଛାଡ଼ିବା ଦ୍ୱାରା ଦଳାଚକଟାରେ ସାଧାରଣ ଲୋକଟିଏ ମଧ୍ୟ ଅଣନିଃଶ୍ୱାସୀ ହୋଇଯାଉଛି। ବୟୋବୃଦ୍ଧ ଓ ଅସୁସ୍ଥ ବ୍ୟକ୍ତିଙ୍କ ଦୁର୍ଦ୍ଦଶା କହିଲେ ନ ସରେ।

ଏହି ବର୍ଷ ଖରାଦିନେ ଡହ ଡହ ତାତିରେ ଖାଲି ପାଦକୁ ନରେନ୍ଦ୍ର ପୋଖରୀ ଛକରୁ ସେଇ ଯେଉଁ ଭୟଙ୍କର ଗହଳି, ତାହା ମଧ୍ୟରେ ଜଣେ ଭକ୍ତଙ୍କ ମହାପ୍ରଭୁଙ୍କୁ ହାତ ଟେକି କ୍ଷମା ମାଗି, 'ଆଉ ବୋଧେ ତତେ ଦେଖିବାକୁ ଆସି ପାରିବିନି ରେ କାଳିଆ' କହି କାନ୍ଦି କାନ୍ଦି ଫେରୁଥିବାର ଦୃଶ୍ୟ ଆଜି ମଧ୍ୟ ମୋର ମନେ ପଡ଼ିଗଲେ ଆଖିରେ ଲୁହ ଆସିଯାଏ।

ବଡ଼ ଦାଣ୍ଡରେ ସରକାରଙ୍କ ପକ୍ଷରୁ ଦର୍ଶନ ପାଇଁ ଦେୟମୁକ୍ତ ଅନଲାଇନ୍ ସ୍ଲଟର ବ୍ୟବସ୍ଥା କରାଗଲେ ଅନେକ ଯାତ୍ରୀ ଉପକୃତ ହେବେ।

ସିନିୟର୍ ସିଟିଜେନ୍ ଓ ଅସୁସ୍ଥ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା କରାଯିବା ଉଚିତ୍।

ଭକ୍ତମାନଙ୍କ ସୁବିଧା ଅସୁବିଧା ବୁଝିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାରିକେଡ଼ର ନିୟମିତ ବ୍ୟବଧାନରେ ମନ୍ଦିର ପୋଲିସ କିମ୍ବା ସ୍ୱେଚ୍ଛାସେବୀମାନଙ୍କୁ ମୁତୟନ କରାଯାଉ।

ନିକଟରେ ଗଣ ମାଧ୍ୟମରେ ଦେଖାଉଥିବା ଜନୈକ ବୃଦ୍ଧାଙ୍କ ବିକଳ କ୍ରନ୍ଦନ ଶୁଣିବାକୁ ନା ଥିଲେ ସେଠି ମନ୍ଦିର କର୍ମଚାରୀ, ପୋଲିସ ଅବା ପ୍ରଶାସନ ପକ୍ଷରୁ କୌଣସି ସ୍ୱେଚ୍ଛାସେବୀ ? ମାଆଟିଏ ବିକଳ କ୍ରନ୍ଦନ କରୁଥିଲେ ଜଗନ୍ନାଥଙ୍କୁ ଦର୍ଶନ ନ କରି ସେ ଦଳାଚକଟାରୁ ବାହାରି ଘରକୁ ଫେରିଯିବାକୁ। ଅତ୍ୟନ୍ତ ସମ୍ବେଦନଶୀଳ ଓ ହୃଦୟ ବିଦାରକ ଦୃଶ୍ୟ ସିଏ।

ସେହିପରି ବଡ଼ଦାଣ୍ଡ ବ୍ୟାରିକେଡ଼ରେ ଦୁଇ ତିନି ଘଣ୍ଟାର ଅପେକ୍ଷା ଓ ତା' ପରେ ମନ୍ଦିର ଭିତରେ ଘଣ୍ଟଓବ୍ୟାପି ଦର୍ଶନ ମଧ୍ୟରେ ବୃଦ୍ଧବୃଦ୍ଧା, ରୋଗୀ ଓ ଛୋଟ ପିଲାମାନଙ୍କ ପାଇଁ ଶୌଚାଳୟଟିଏର ବ୍ୟବସ୍ଥା ଯେ ନିତାନ୍ତ ଅପରିହାର୍ଯ୍ୟ ଏହା କ'ଣ କାହାକୁ ସରକାରୀ ଭାବେ ବୁଝାଇବାକୁ ପଡ଼ିବ ?

ମନ୍ଦିର ପ୍ରଶାସନରେ ଅନେକ କିଛି ତ୍ରୁଟି ସଂଶୋଧନ କରିବାର ଅଛି। ଡ୍ରେସ କୋଡ଼ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ମନ୍ଦିର ଭିତରେ ପାନ ତମାଖୁର ବର୍ଜନ ପ୍ରସ୍ତାବକୁ ସେବାୟତମାନେ ଗଣମାଧ୍ୟମ ଆଗରେ ଯେପରି ଫୁ କରି ଉଡ଼ାଇଦେଲେ ତାହା ନିଶ୍ଚିତ ଭାବେ ଦୁଃଖଦ। ତମେ ଯଦି ପାନ ଗୁଟୁକା କଟକଣା ନ ମାନିବ, ଯୁବଭକ୍ତମାନେ ପୋଷାକ କଟକଣା ମାନନ୍ତୁ, ଏ ଆଶା ରଖିବା କିପରି ?

ଶତଚେଷ୍ଟା ସତ୍ତ୍ୱେ କାର୍ଯ୍ୟସୂଚୀ ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ସମ୍ପାଦନ କରାଯିବା କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। ଭକ୍ତଙ୍କ ପ୍ରତି ଅଶାଳୀନ ବ୍ୟବହାର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁ ନାହିଁ। ଅବଶ୍ୟ ଏହି ସବୁ ପରିବର୍ତ୍ତନ ପାଇଁ ପ୍ରଶାସନ ସହିତ ପଣ୍ଡା ପୂଜକ, ଭକ୍ତ,ସାଧାରଣ ଜନତା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ମାତ୍ର ଏ ଦିଗରେ ନେତୃତ୍ୱ ନେବାର ଦାୟିତ୍ୱ ଯେ ମନ୍ଦିର ପ୍ରସାଶନ ଓ ସରକାରଙ୍କର ଏଥିରେ ଦ୍ୱିମତ ନାହିଁ।

ବେଳେ ବେଳେ ମନକୁ ପ୍ରଶ୍ନ ଉଠେ ପ୍ରଭୁ ପରା ଭକ୍ତର ? ତେବେ ମଝିରେ କିଏ ସେ ଏ ବିଶୃଙ୍ଖଳା କରୁଛି ? ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏ ଅନ୍ତରାୟ ସୃଷ୍ଟି କରା ଯାଉଛି କାହିଁକି ? ଚଉବାହା ମେଲାଇ ଆସ ଆସ ବୋଲି ଭକ୍ତଙ୍କୁ ଡାକୁଥିବା ଠାକୁରଙ୍କର ଚାରି ଦ୍ୱାର ଖୋଲିବା ପରି ସାଧାରଣ କଥାଟିଏକୁ ଏକ ରାଜନୈତିକ ବିବାଦରେ ପରିଣତ କରୁଛି କିଏ ?

ଆଶା ରଖିବା, ସରକାର ଓ ମନ୍ଦିର ପ୍ରଶାସନ କିଛି ବୟସ୍କ ସେବାୟତ, ବୁଦ୍ଧିଜିବୀ ଓ ସାଧାରଣ ଭକ୍ତଙ୍କୁ ନେଇ ଏକ କମିଟି ଗଠନ କରି ଆଲୋଚନା ମାଧ୍ୟମରେ ଏ ସବୁ ସମସ୍ୟାକୁ ଅନୁଧ୍ୟାନ କରି ଏହାର ସମାଧାନ ପୂର୍ବକ ଶୃଙ୍ଖଳିତ ଏବଂ ସୁରକ୍ଷିତ ଦର୍ଶନର ବ୍ୟବସ୍ଥା କରିବାକୁ ତୁରନ୍ତ ପଦକ୍ଷେପ ନେବେ।

ଭାଗ-୧ । ସଂଖ୍ୟା-୧୧ । ଭୁବନେଶ୍ୱର । ୨୯ ଜାନୁଆରୀରୁ ୪ ଫେବୃଆରୀ ୨୦୨୪
Vol-1 | Issue-11 | Bhubaneswar | 29 January to Feb. 4 2024

# ଭାରତକୁ ଅନୁରୋଧ; ଆର୍ଥିକ ସଙ୍କଟରୁ ମୁକୁଳିବାରେ ସହଯୋଗ କରନ୍ତୁ

**ନୂଆଦିଲ୍ଲୀ:** ଭାରତକୁ ଅନୁରୋଧ ଆମକୁ ଆର୍ଥିକ ସଙ୍କଟରୁ ମୁକୁଳିବାରେ ସହାୟତା କରନ୍ତୁ, ପିଲାମାନଙ୍କୁ ପାଠ ପଢିବାକୁ ପୁଣି ଥରେ ଆମ ଦେଶକୁ ଛାଡନ୍ତୁ... ଭାରତର ଗଣତନ୍ତ୍ର ଦିବସରେ ଏପରି କହି ଅନୁରୋଧ କରିଛନ୍ତି ୟୁକ୍ରେନ ପ୍ରଧାନମନ୍ତ୍ରୀ ଡେନିସ୍ ଶିମିହଲ। ଡେନିସ୍ ଶିମିହଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ବିଶ୍ୱ ନେତା' ବୋଲି ସମ୍ବୋଧିତ କରି କହିଛନ୍ତି, ଭାରତକୁ ଅନୁରୋଧ, ଯୁଦ୍ଧଗ୍ରସ୍ତ ରାଷ୍ଟ୍ର ୟୁକ୍ରେନକୁ ଆର୍ଥିକ ସଙ୍କଟରୁ ମୁକୁଳିବା ପାଇଁ ସହାୟତା କରନ୍ତୁ, ଛାତ୍ରଛାତ୍ରୀଙ୍କୁ ପୂର୍ବପରି ପାଠ ପଢିବାକୁ ୟୁକ୍ରେନ ପଠାନ୍ତୁ। ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତକାର ଦେଇ ଶିମିହଲ ଭାରତକୁ ୟୁକ୍ରେନର ଅନ୍ୟତମ ପ୍ରମୁଖ ଅର୍ଥନୈତିକ ଭାଗିଦାରୀ ବୋଲି କହିଛନ୍ତି। ଏଥିସହ ଦେଶକୁ ସହଯୋଗ ତଥା ମାନବିକ ସହାୟତା ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା କରିଛନ୍ତି ଶିମିହଲ। ସେ କହିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦି ଜଣେ ଗ୍ଲୋବାଲ୍ ଲିଡର ଯିଏକି ବିଶ୍ୱ ଶାନ୍ତି ପାଇଁ କାର୍ଯ୍ୟ କରୁଛନ୍ତି। ୟୁକ୍ରେନ ବର୍ତ୍ତମାନ ଯୁଦ୍ଧ ପାଇଁ ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ମୁଁ ପୂର୍ବ ପରି ଛାତ୍ରଛାତ୍ରୀଙ୍କୁ ୟୁକ୍ରେମ ପଠାଇ ଆମକୁ ଆର୍ଥିକ ସ୍ଥିତିକୁ ଫେରିବାରେ ସହଯୋଗ କରିବାକୁ ଭାରତକୁ ଅନୁରୋଧ କରିବି।



'ପ୍ରକାଶ ଥାଉକି, ୨୦୨୨ ଫେବ୍ରୁଆରୀରେ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା ଋଷ। ଏହା ପରେ ଉଭୟ ଦେଶ ମଧ୍ୟରେ ଆଜି ପର୍ଯ୍ୟନ୍ତ ଯୁଦ୍ଧ ଲାଗିରହିଛି। ଯୁଦ୍ଧ ସମୟରେ ଭାରତ 'ଅପରେସନ୍ ଗଙ୍ଗା' ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୧୮,୦୦୦ ଭାରତୀୟ ନାଗରିକଙ୍କୁ ୟୁକ୍ରେନରୁ ସ୍ଥାନାନ୍ତର କରାଇଥିଲା।

ରିପୋର୍ଟ ଅନୁସାରେ, ପ୍ରତିବର୍ଷ ହଜାର ହଜାର ସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀ ୟୁକ୍ରେନକୁ ଡାକ୍ତରୀ ପାଠ ପଢିବାକୁ ଯାଆନ୍ତି। କିନ୍ତୁ ଯୁଦ୍ଧ ପରଠାରୁ ତାହା ବନ୍ଦ ରହିଛି।

# ଆମେରିକାରେ ପ୍ରଥମ; ନାଇଟ୍ରୋଜେନ୍ ଗ୍ୟାସରେ ଦୋଷୀକୁ ମିଳିଲା ମୃତ୍ୟୁଦଣ୍ଡ






**ନୂଆଦିଲ୍ଲୀ:** ନାଇଟ୍ରୋଜେନ୍ ଗ୍ୟାସରେ ମୃତ୍ୟୁଦଣ୍ଡ ଦେବାରେ ପ୍ରଥମ ଦେଶ ହେଲା ଆମେରିକା। ନାଇଟ୍ରୋଜେନ ବା ଯବକ୍ଷାରଜାନ ବ୍ୟବହାର କରି ଆମେରିକାର ଅଲବାମାରେ ଜଣେ ହତ୍ୟାକାରୀକୁ ମୃତ୍ୟୁଦଣ୍ଡ ଦିଆଯାଇଛି । ତାଙ୍କ ନାଁ କେନେଥ୍ ଇଉଜିନ୍ ସ୍ମିଥ୍।

୩୫ ବର୍ଷ ତଳେ ସୁପାରୀ ନେଇ ଜଣେ ମହିଳାଙ୍କୁ ହତ୍ୟା କରିବା ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କେନେଥଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ପ୍ରଥମ ଥର ଲାଗି ନାଇଟ୍ରୋଜେନ ଗ୍ୟାସର ବ୍ୟବହାର କରିଛି ଆମେରିକା ।

ପୂର୍ବରୁ ୨୦୨୨ରେ ତାକୁ ଏକାଧିକ ବିଷ ଇଞ୍ଜେକ୍ସନ ଦେବା ସତ୍ତ୍ୱେ ତାର ମୃତ୍ୟୁ ହୋଇନଥିଲା । ଏହାପରେ ନାଇଟ୍ରୋଜେନ ଗ୍ୟାସ ଦ୍ୱାରା ତାକୁ ମୃତ୍ୟୁଦଣ୍ଡ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ ଅଲବାମା କୋର୍ଟ । ଆମେରିକୀୟ ସମୟ ଅନୁସାରେ ୨୫ ତାରିଖ ସନ୍ଧ୍ୟାରେ କେନେଥ୍ ?ଙ୍କୁ ଡେଥ ଚ୍ୟାମ୍ବରକୁ ନେଇ ଷ୍ଟ୍ରେଚର ଉପରେ ଶୁଆଇ ଦିଆଯାଇଥିଲା। ଏହାପରେ ତାଙ୍କୁ ଏକ ଏୟାରଟାଇଟ୍ ଗ୍ୟାସ୍ ମାସ୍କ ପିନ୍ଧାଇ ସେଥିରେ ନାଇଟ୍ରୋଜେନ ଗ୍ୟାସ ଛଡ଼ାଯାଇଥିଲା । ଏହାର କିଛି ସେକେଣ୍ଡ ଭିତରେ ସେ ବେହୋସ ହୋଇଯିବା ପରେ, କିଛି ମିନିଟ ଭିତରେ ତାର ମୃତ୍ୟୁ ଘଟିଥିଲା।

ଆମେରିକାରେ ମୃତ୍ୟୁଦଣ୍ଡ ପାଇଁ ଫାଶି, ବିଦ୍ୟୁତ ଝଟକା ଓ ବିଷ ଇଞ୍ଜେକସନ ବ୍ୟବସ୍ଥା ପ୍ରଚଳିତ ଅଛି । ତେବେ ନାଇଟ୍ରୋଜେନ ଗ୍ୟାସ ଦେଇ ମୃତ୍ୟୁଦଣ୍ଡକୁ ନେଇ ବହୁ ମାନବାଧିକାର ସଂଗଠନ ବିରୋଧ କରିଛନ୍ତି।

ଅନ୍ୟପକ୍ଷରେ କିଛି ବିଶେଷଜ୍ଞଙ୍କ ମତରେ, ଅନ୍ୟ ଉପାୟ ଅପେକ୍ଷା ଏଥିରେ ଖୁବ୍ କମ ସମୟ ଭିତରେ ଦୋଷୀର ମୃତ୍ୟୁ ହୋଇଥାଏ ଏବଂ ତାକୁ କମ୍ କଷ୍ଟ ହୋଇଥାଏ ବୋଲି ସେମାନେ ଦାବି କରିଛନ୍ତି।

## ୭୫ତମ ସାଧାରଣତନ୍ତ୍ର ଦିବସ

# ବିଶ୍ୱ ଦେଖିବ ଭାରତର ପରାକ୍ରମ



ନୂଆଦିଲ୍ଲୀ: ୭୫ତମ ସାଧାରଣତନ୍ତ୍ର ଦିବସ। ଦିଲ୍ଲୀରୁ ପଲ୍ଲୀ ଯାଏଁ ଆଜି ସାଧାରଣତନ୍ତ୍ରର ସବୁଠୁ ବଡ଼ ପର୍ବକୁ ପାଳନ କରାଯାଉଛି। ନୂଆଦିଲ୍ଲୀ କର୍ତ୍ତବ୍ୟ ପଥରେ ଭାରତୀୟ ସେନା ଶୌର୍ଯ୍ୟ, ସାମର୍ଥ ଏବଂ ବୀରତ୍ୱ ପ୍ରଦର୍ଶନ କରିବେ। ଏହି ଅବସରରେ ପରେଡର ଅଭିବାଦନ ଗ୍ରହଣ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ସାଧାରଣତନ୍ତ୍ର ଦିବସ ପରେଡ ସକାଳ ୧୦.୩୦ରୁ ଆରମ୍ଭ ହୋଇ ପ୍ରାୟ ୯୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ପରେଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏଥର ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ସାଧାରଣତନ୍ତ୍ର ଦିବସ ପାଇଁ କଡ଼ା ସୁରକ୍ଷା ବଳୟରେ ରାଜଧାନୀ ଦିଲ୍ଲୀ। ୮ ହଜାରରୁ ଅଧିକ ଫୋର୍ସ ମୁତୟନ କରାଯାଇଛି।

ସାଧାରଣତନ୍ତ୍ର ଦିବସ ପାଇଁ ସାରା ଦେଶରେ ଉତ୍ସାହ ଦେଖାଦେଇଛି। କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ସବୁଠି ତ୍ରି-ରଙ୍ଗରେ ରଙ୍ଗାୟତ। ସବୁଠି ଜାତୀୟତା ଭାବ, ସବୁଠି ଗଣତନ୍ତ୍ରର ସର୍ବଶ୍ରେଷ୍ଠ ପର୍ବକୁ ପାଳନ କରିବାକୁ ଆୟୋଜିତ ହେଉଛି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ। ଦିଲ୍ଲୀ ଇଣ୍ଡିଆ ଗେଟ୍ ?କୁ ତ୍ରିରଙ୍ଗା ଭାବେ ସଜା ଯାଇଛି। ଶ୍ରୀନଗର ଲାଲଚୌକ ବି ଏଥର ପୂର୍ବ ବର୍ଷ ଭଳି ଜାତୀୟତାବାଦରେ ଝଲସୁଛି। ମୁମ୍ବାଇର CST, ଷ୍ଟକ୍ ଏକ୍ସଚେଞ୍ଜ, ହାଇଦ୍ରାବାଦର ବିଧାନସଭା ବି ଖୁବ୍ ଚମକୁଛି।

# ବିରୋଧୀ ଦଳର ପତକା ଲଗାଇବାରୁ ପୁଅକୁ ଗୁଳି କଲା ବାପା

**ନୂଆଦିଲ୍ଲୀ:** ବିରୋଧୀ ଦଳକୁ ସମର୍ଥନ କରି ଘରେ ପତକା ଲଗାଇଲା ପୁଅ। ଏହା ଦେଖି ରାଗିଗଲେ ବାପା। ପୁଅକୁ ଗୁଳି କରି ହତ୍ୟା କଲେ। ଏଭଳି କିଛି ଘଟଣା ଘଟିଛି ପାକିସ୍ତାନରେ। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଇମ୍ରାନ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହେରିକ୍-ଏ-ଇନସାଫର ପତାକା ଘରେ ଲଗାଇବାରୁ ଜଣେ ବ୍ୟକ୍ତି ନିଜ ପୁଅକୁ ହତ୍ୟା କରିଛି।

ବାପ-ପୁଅ ଭିନ୍ନ ଭିନ୍ନ ଦଳକୁ ସମର୍ଥନ କରୁଥିବା ବେଳେ କେଉଁ ଦଳର ପତକା ଘର ଆଗରେ ଉଡ଼ିବ, ଏହାକୁ ନେଇ ଝଗଡ଼ା ହୋଇଥିଲେ। ଝଗଡ଼ା ବଢ଼ିବାରୁ ରାଗରେ ପୁଅକୁ ଘରେ ଥିବା ବନ୍ଧୁକରୁ ଗୁଳି କରି ହତ୍ୟା କରିଛି ବାପା। ଘଟଣା ପରେ ଅଭିଯୁକ୍ତ ବାପା ଫେରାର ଥିବା ଜଣାପଡ଼ିଛି। ପୁଲିସ ଅଭିଯୁକ୍ତକୁ ଖୋଜାଖୋଜି କରୁଥିବା ଜଣାପଡିଛି। ପୁଲିସ ସୂଚନା ମୁତାବକ, ପାକିସ୍ତାନର ଖେବର ପଖତୁନଖ୍ୱାରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ବାପା ରାଷ୍ଟ୍ରବାଦୀ ଆଓ୍ୱାମ ନ୍ୟାସନାଲ ପାର୍ଟି ସହ ଜଡିତ ଥିଲା। ପୁଅ କତାରରେ କାମ କରୁଥିବା ବେଳେ ଛୁଟିରେ ଘରକୁ ଫେରିଥିଲା। ଘରକୁ ଫେରି ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ ପିଟିଆଇର ପତକା ଘର ଆଗରେ ଉଡ଼ାଇଥିଲେ। ତେବେ ଏହି ପତକାକୁ ଉଡାଇବା ପାଇଁ ପୁଅକୁ ମନା କରିଥିଲା ବାପା। କିନ୍ତୁ ପୁଅ ସେହି ପତକାକୁ କାଢ଼ି ନଥିଲା। ଏହାକୁ ନେଇ ଝଗଡ଼ା ହେବାରୁ ଅଭିଯୁକ୍ତ ବାପା ନିଜ ୩୧ ବର୍ଷୀୟ ପୁଅକୁ ଗୁଳି କରି ଫେରାର ହୋଇଯାଇଛି। ପରିବାର ଲୋକ



ପୀଡ଼ିତଙ୍କୁ ଡାକ୍ତରଖାନା ନେଇଥିଲେ ବି ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ପାକିସ୍ତାନରେ ସାଧାରଣ ନିର୍ବାଚନ ପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଚାଲିଛି। ଆସନ୍ତା ଫେବ୍ରୁଆରୀ ୮ ତାରିଖରେ ଏଠାରେ ନିର୍ବାଚନ ହେବ। ଏଥିରେ ଅନେକ ରାଜନୈତିକ ଦଳ ବିପୁଳ ରୂପେ ଭାଗ ନେଇଛନ୍ତି। ତେଣୁ ଫେବ୍ରୁଆରୀ ପ୍ରଥମ ସପ୍ତାହରେ ଆଫଗାନିସ୍ତାନ ସୀମାବର୍ତ୍ତୀ ଉତ୍ତର-ପଶ୍ଚିମ ଖୈବର ପଖତୁନଖ୍ୱା ପ୍ରଦେଶରେ ପ୍ରାୟ ୫୦୦୦ ସୈନ୍ୟ ମୁତୟନ ହେବେ ବୋଲି କମାଣ୍ଡର ମୋଅଜ୍ଜମ ଜାହ ଅନସାରୀ ସୂଚନା ଦେଇଛନ୍ତି।

# ୫୦ଜଣ ପୁଲିସ କର୍ମୀଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

ଭୁବନେଶ୍ୱର (ଭିଓଭି): ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟ ପୁଲିସର ୫୦ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ରାଜ୍ୟ ପୁଲିସର ବିଭିନ୍ନ ସେବାରେ କାର୍ଯ୍ୟରତ ଏହି ଅଫିସର ଓ କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଓ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଓ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଏହି ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି । ହୋମଗାର୍ଡ, ଅଗ୍ନିଶମ, ସିଭିଲ ଡିଫେନ୍ସ, ଜେଲ୍ ଓ ସାଧାରଣ ପୁଲିସ ବର୍ଗର କର୍ମଚାରୀ ଓ ଅଫିସରମାନଙ୍କୁ ଏହି ପଦକ ପ୍ରଦାନ କରାଯାଇଛି ।

ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ ରଘୁବର ଦାସ ମାଓବାଦୀଙ୍କ ବିରୁଦ୍ଧରେ ଅପରେସନ୍ ପାଇଁ ୩ଜଣ ଏସଓଜି ଯବାନ ଓ ଜଣେ ଡିଭିଏଫ ଯବାନଙ୍କୁ ସାହାସିକତା ନିମନ୍ତେ ପୁଲିସ ମେଡାଲ ପ୍ରଦାନ କରିଛନ୍ତି ।

ସେହିପରି ଉଲ୍ଲେଖନୀୟ ସେବା ପାଇଁ ପ୍ରେସିଡେଣ୍ଟ ପୁଲିସ ମେଡାଲରେ ଆଇପିଏସ୍ ସଞ୍ଜୟ କୁମାର ଓ ଓପିଏସ୍ ରବୀନ୍ଦ୍ରନାଥ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ମେରିଟୋରିୟସ୍ ସର୍ଭିସ ପାଇଁ ୧୧ଜଣଙ୍କୁ ପୁଲିସ




ମେଡାଲ, ୨୦ଜଣଙ୍କୁ ଗଭର୍ଣ୍ଣର୍ସ ମେଡାଲ, ସାହାସିକତା ପାଇଁ ଜଣେ କର୍ମଚାରୀଙ୍କୁ ଅଗ୍ନିଶମ ସେବା ମେଡାଲ, ୨ଜଣଙ୍କୁ ମେରିଟୋରିୟସ୍ ସେବା ପାଇଁ ଅଗ୍ନିଶମ ସେବା ମେଡାଲ, ୩ଜଣଙ୍କୁ ହୋମଗାର୍ଡ ଓ ସିଭିଲ ଡିଫେନ୍ସ ମେଡାଲ, ୨ଜଣ ଅଗ୍ନିଶମ କର୍ମଚାରୀଙ୍କୁ ଗଭର୍ଣ୍ଣର୍ସ ମେଡାଲ ଏବଂ ମେରିଟୋରିୟସ୍ ସର୍ଭିସ ପାଇଁ ୫ଜଣ ପୁଲିସ କର୍ମଚାରୀଙ୍କୁ କରେକ୍ସନାଲ ସର୍ଭିସ ମେଡହଲ ପ୍ରଦାନ କରାଯାଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଜୁ ପାଠାଗାର ଭିତରେ ପଶିଗଲା ବସ୍

କୋରାପୁଟ (ଭିଓଭି): ବିଜୁ ପାଠାଗାରରେ ଭିତରେ ପଶିଗଲା ବସ୍ । ପାଠାଗାରଟି ବନ୍ଦ ଥିବାରୁ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଗଲେ, ସେହି ରାସ୍ତା ଦେଇ ଯାଉଥିବା ଲୋକେ । ଆଜି ସନ୍ଧ୍ୟା ବେଳେ ଏପରି ଭୟଙ୍କର ଦୁର୍ଘଟଣା ଜନଗହଳୀ ପୂର୍ଣ୍ଣ କରାପୁଟ ଟାଉନ୍‌ରେ ଘଟିଛି ।

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ କୋରାପୁଟ ଜିଲ୍ଲାରୁ ୨୧୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେମାନଙ୍କୁ ରାୟଗଡ଼ା ଷ୍ଟେସନ୍ ?କୁ ନେବା ପାଇଁ ୩ଟି ଘରୋଇ ବସର ବ୍ୟବସ୍ଥା କରିଥିଲା



ଜିଲ୍ଲା ପ୍ରଶାସନ । ସନ୍ଧ୍ୟା ବେଳେ ୩ଟି ବସ୍ ଜିଲ୍ଲା ସଂସ୍କୃତି ଭବନ ସମ୍ମୁଖକୁ ଆସିଥିଲା । ତୀର୍ଥ ଯିବାକୁ ଥିବା ବରିଷ୍ଠ ନାଗରିକମାନେ ୨ଟି ବସ୍‌ରେ ବସି ପଳାଇ ଥିଲେ । ଆଉ ଗୋଟିଏ ବସ୍ ପାଇଁ ଯାତ୍ରୀ ଅଭାବ ଥିବାରୁ ଯାଇନଥିଲା ।

ବସ୍‌ଟି ସଂସ୍କୃତି ଭବନ ଆଗରେ ଛିଡ଼ା ହୋଇଥିଲା । ସନ୍ଧ୍ୟା ପ୍ରାୟ ୬ଟା ବେଳେ ବସ୍ ଉପରକୁ ଚଢ଼ିଥିଲେ ଡ୍ରାଇଭର । ଷ୍ଟାର୍ଟ କରିବା ପୂର୍ବରୁ ବସ୍ ?ଟି ଗଡିବାରେ ଲାଗିଥିଲା । ଡ୍ରାଇଭର ଯେତେ ଚେଷ୍ଟା କରିଥିଲେ ମଧ୍ୟ ବସ୍‌କୁ ଅଟକାଇ ପାରିନଥିଲେ । ବସ୍‌ଟି ଭିଡ ଭିତରେ ଜାତୀୟ ରାଜପଥକୁ ଅତିକ୍ରମ କରି ବିଜୁ ପାଠାଗାର ଭିତରେ ପଶି ଯାଇଥିଲା । ସନ୍ଧ୍ୟା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିବା ବେଳେ କାହାର କିଛି କ୍ଷତି ଘଟିନାହିଁ । ତେବେ ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । କହିବାକୁ ଗଲେ ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲେ ଲୋକେ । ବ୍ରେକ୍ ? ଫେ୍ଲ୍ ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଟାଉନ୍ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଶବକୁ ବୋହିଲେ ୨୦ କିଲୋମିଟର

କୋକେଇ (ଭିଓଭି): ମିଳିଲାନି ଆମ୍ବୁଲାନ୍ସ । ଗାଡ଼ି ଭଡ଼ା ଦେବାକୁ ନଥିଲା ଟଙ୍କା । ତେଣୁ ବାପଘର ଲୋକେ ମହିଳାଙ୍କ ମୃତଦେହକୁ ୨୦ କିଲୋମିଟର କୋକେଇରେ ବୋହି ଶାଶୁ ଘରକୁ ନେଇଥିଲେ । ମୃତକ ହେଲେ ନନ୍ଦାହାଣ୍ଡି ଫୁପୁ ଗାଁର କରୁଣା ଆମନାତ୍ୟ । ସେ ତାଙ୍କ ବାପ ଘର ପୁର୍ଣ୍ଣିଗୁଡ଼ାରେ ରହି ଚିକିତ୍ସିତ ହେଉଥିଲେ । ତାଙ୍କର ତିନିଟି ପିଲା ଅଛନ୍ତି । ସେଥିରୁ ସାନ ଝିଅ ତିନିମାସର । କୌଣସି କାରଣରୁ ଘଟଣା ରାତିରେ ତାଙ୍କର ଦେହାନ୍ତ ହୋଇଥିଲା ।



ତାଙ୍କ ମୃତଦେହକୁ ଶାଶୁଘରକୁ ନେବା ଲାଗି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ବାପଘର ଲୋକେ । ହେଲେ ଆମ୍ବୁଲାନ୍ସ ଆସିଲା ନାହିଁ । ଅନେକ ସମୟ ଅପେକ୍ଷା ପରେବି ଆମ୍ବୁଲାନ୍ସ ପହଞ୍ଚିଲା ନାହିଁ । କୌଣସି ସରକାରୀ ସୁବିଧା ନମିଳିବାରୁ ପରିବାର ଲୋକେ ମୃତଦେହକୁ କୋକେଇରେ ୨୦ କିଲୋମିଟର ବୋହି ଶାଶୁଘରକୁ ନେଇଥିଲେ ।

# ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଫଳୁଛି ବିଦେଶୀ ଫଳ

ଭୁବନେଶ୍ୱର (ଭିଓଭି): ଷ୍ଟ୍ରବେରୀ । ଚୀନ୍, ମେକ୍ସିକୋ, ଇଜିପ୍ଟ, ସ୍ପେନ୍, ଋଷ, ପୋଲାଣ୍ଡ, ଜାପାନ୍ ପରି ଦେଶରେ ଦିନେ ଫଳୁଥିଲା ଏହି ଫଳ । ଏବେ କିନ୍ତୁ ଏହି ବିଦେଶୀ ଫଳ ଓଡ଼ିଶାରେ ଫଳୁଛି । ତାହା ପୁଣି ଦୁର୍ଗମ ଅଞ୍ଚଳରେ । ଏଥିପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । କନ୍ଧମାଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବଣ୍ଡାଘାଟିର ଆଦିମ ଜନଜାତିର ଲୋକମାନେ ଏହି ବିଦେଶୀ ଫଳ ଚାଷ କରୁଛନ୍ତି । ଏଥିରୁ ସେମାନେ ନିଜେ ସ୍ୱାବଲମ୍ବି ହେବା ସହିତ ରାଜ୍ୟ ପ୍ରଗତିରେ ସହଭାଗୀତା ହେଉଛନ୍ତି ।





କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସୁଲୁମାହା ଗାଁ । ଏହି ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପ୍ରାୟ ଅଢ଼େଇ ଏକର ଜମିରେ ଷ୍ଟ୍ରବେରୀ ଚାଷ କରିଛନ୍ତି । ନଭେମ୍ବର ମାସରେ ସେମାନେ ଚାରା ରୋପଣ କରିଥିଲେ । ଚଳିତବର୍ଷ ପାଗ ଭଲ ଥିବାରୁ ଫଳ ମଧ୍ୟ ଭଲ ହୋଇଛି । ଦୁଇ ମାସରେ କ୍ଷେତରେ ଷ୍ଟ୍ରବେରୀ ଭର୍ତ୍ତି ହୋଇଯାଇଛି । ଏଥିପାଇଁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସହାୟତା ଦିଆଯାଇଛି । ମହିଳାମାନଙ୍କୁ ଷ୍ଟ୍ରବେରୀ ଚାଷର ତାଲିମ ଦିଆଯାଇଛି । ଏଥିସହ ପ୍ରଶାସନ ପକ୍ଷରୁ ମାଗଣାରେ ଷ୍ଟ୍ରବେରୀ ଚାରା, ତାର ବାଡ, ପଲିଥିନ ଓ ଜଳସେଚନ ବ୍ୟବସ୍ଥା କରାଯାଇଛି ।

ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ରଙ୍କ କହିବା ଅନୁସାରେ ଗତବର୍ଷ ପରୀକ୍ଷା ମୂଳକ ଭାବେ ଷ୍ଟ୍ରବେରୀ ଚାଷ କରାଯାଇଥିଲା । ବିଦ୍ୟୁତ୍ ?, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗ ଓ ସ୍ୱୟଂ ସହାୟଗ ଗୋଷ୍ଠୀର ମହିଳାମାନଙ୍କ ସହଯୋଗରେ ଷ୍ଟ୍ରବେରୀ ଚାଷ କରାଯାଇଥିଲା । ଏଥିରେ ୬ ଲକ୍ଷ ଟଙ୍କା ନିବେଶ କରାଯାଇଥିଲା । ସେଥିରୁ ୨୨ ଲକ୍ଷ ଟଙ୍କା ରୋଜଗାର କରାଯାଇଥିଲା । ଏହା ପରେ ଜଣାପଡ଼ିଥିଲା, ଏହି ଅଞ୍ଚଳରେ ଷ୍ଟ୍ରବେରୀ ଚାଷ ହୋଇପାରିବ । ସେଥିପାଇଁ ଚଳିତବର୍ଷ ଦୁଇଟି ସ୍ଥାନରେ ଷ୍ଟ୍ରବେରୀ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲୁ । ଆଉ ଏଥିରେ ସଫଳ ହୋଇଛୁ ବୋଲି ଶ୍ରୀ ପାତ୍ର କହିଛନ୍ତି ।

ସେହିପରି ମାଲକାନଗିରି ଜିଲ୍ଲା ବଣ୍ଡାଘାଟି । ଉପାନ୍ତ ଓ ଦୁର୍ଗମଅଞ୍ଚଳ ଭାବେ ପରିଚିତ ଏହି ଅଞ୍ଚଳ । ଏଠି ବାସ କରୁଥିଲେ ଦୁଇ ଭାଇ ଲକ୍ଷ୍ମଣ ମୁଦୁଲି ଓ ମଙ୍ଗୁଲୁ ମୁଦୁଲି । ଏମାନେ ଗରିବ ଶ୍ରେଣୀର । କାମଦାମ କରି ଚଳନ୍ତି । ଓପିଲିପି ପକ୍ଷରୁ ଅତ୍ୟାଧୁନିକ ଜ୍ଞାନ କୌଶଳ ଚାଷ ପାଇଁ ସହାୟତା ମିଳିବାରୁ ଦୁଇ ଭାଇ ଷ୍ଟ୍ରବେରୀ ଚାଷ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ତା'ପରେ ଦୁଇ ଭାଇ ଷ୍ଟ୍ରବେରୀ ଚାଷର ତାଲିମ ନେଇଥିଲେ । ତାଲିମ ନେବା ପରେ ଦୁଇ ଭାଇ ନିଜସ୍ୱ ଉଦ୍ୟମରେ ପରିବାର ଲୋକଙ୍କ ସହ ମିଶି ଗୋଟିଏ ଏକର ଜମିରେ ଷ୍ଟ୍ରବେରୀ ଚାଷ କରିଥିଲେ । ଚଳିତବର୍ଷ ଭଲ ପାଗ ଥିବାରୁ ଭଲ ଅମଳ ମଧ୍ୟ ହୋଇଛି ।

ଗୋଟିଏ ଏକର ଜମିରେ ୬ରୁ ୧୦ କ୍ୱିଣ୍ଟାଲ ଷ୍ଟ୍ରବେରୀ ହୋଇଛି । ବଜାର ଦର ଦେଖିଲେ ଷ୍ଟ୍ରବେରୀ କିଲୋ ପିଛା ୨୫୦ ଟଙ୍କା ରହିଛି । ଏଥିପାଇଁ ଦୁଇ ଭାଇ ଖୁସି ବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଅଜିତ କୁମାର ସାହୁ କହିଛନ୍ତି, ଆଗାମୀ ଦିନରେ ବଣ୍ଡାଘାଟିରେ ଯେଉଁମାନେ ଏହି ଚାଷ ପାଇଁ ଇଚ୍ଛୁକ ହେବେ, ସେମାନଙ୍କୁ ତାଲିମ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ପରୀକ୍ଷଣ ଭାବେ ଗୋଟିଏ ଏକର ଷ୍ଟ୍ରବେରୀ ଚାଷ କରାଯିବା ପରେ ବଣ୍ଡାଘାଟିରେ ଏହି ଚାଷ ପାଇଁ ପାଗ ଅନୁକୂଳ ଥିବା ଜଣାପଡିଛି । ଆଗାମୀ ଦିନରେ ଅନେକ ବଣ୍ଡା ଜନଜାତିର ଲୋକ ଏହି ଚାଷ ପ୍ରତି ଆକୃଷ୍ଟ ହେଉଥିବା ସେ କହିଛନ୍ତି ।

ଭାଗ-୧ । ସଂଖ୍ୟା-୧୧ । ଭୁବନେଶ୍ୱର । ୨୯ ଜାନୁଆରୀରୁ ୪ ଫେବୃଆରୀ ୨୦୨୪
Vol-1 | Issue-11 | Bhubaneswar | 29 January to Feb. 4 2024

# ନିଜ ଘର ଦାନ କରିଦେଲେ ଡା. ନାରାୟଣୀ ପଣ୍ଡା

ଭୁବନେଶ୍ୱର (ଭିଓଭି): ପ୍ରଚାର, ପ୍ରସାର, ଆତ୍ମବିଜ୍ଞାପନଠୁ ସେ ବହୁ ଦୂରରେ । ପୂର୍ବରୁ ବିଭିନ୍ନ କଲେଜ, ଶିକ୍ଷାନୁଷ୍ଠାନକୁ ଲକ୍ଷ ଲକ୍ଷ ଟଙ୍କା ଦାନ କରି ସାରିଥିବା ବେଳେ ଏବେ ନିଜର ସର୍ବସ୍ୱ ଦାନ କରିଦେଲେ। ନିଜେ ରହୁଥିବା ଏକମାତ୍ର ଘରକୁ ବି ଚୁପଚାପ ଦାନ କରିଦେଲେ। ଏହାକୁ ଦାନ କରିବା ପରେ ତାଙ୍କ ମୁହଁରେ ଖେଳିଯାଇଛି ଆତ୍ମସନ୍ତୋଷର ହସ । ଏପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି। ସମ୍ବଲପୁରର ୮୭ ବର୍ଷିୟା ସମାଜସେବୀ ତଥା ଖ୍ୟାତାନାମା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ନାରାୟଣୀ ପଣ୍ଡା ।

ଡାକ୍ତର ପଣ୍ଡା ପୂର୍ବରୁ ନିଜର ଅର୍ଥ ଓ ସମ୍ପତ୍ତି ଭିନ୍ନ ଭିନ୍ନ ସଂସ୍ଥାକୁ ଦାନ କରି ସାରିଛନ୍ତି। ତାଙ୍କ ପାଖରେ କେବଳ ଗୋଟିଏ ଘର ଥିବା ବେଳେ ସେଠାରେ ସେ ରହୁଥିଲେ। ମାତ୍ର ଏବେ ସେ ଉକ୍ତ ଘରକୁ ବି ହସ ହସ ମୁହଁରେ ଦାନ କରି ସାରିଛନ୍ତି। ଡାକ୍ତର ପଣ୍ଡା ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ନିଜ ଘର ଦାନ କରି ଦେଇଛନ୍ତି।

ସମ୍ବଲପୁର ସହରର ଭୁତାପଡ଼ାସ୍ଥିତ ୮ ଡେସିମିଲ ପରିମିତ ଜାଗାରେ ନିର୍ମିତ ୨ ମହଲା ଘରଟିକୁ ଦାନ କରିଦେଇଛନ୍ତି ଡାକ୍ତର ପଣ୍ଡା । ଡାକ୍ତର ପଣ୍ଡାଙ୍କର ଉକ୍ତ ଘରଟିକୁ କିଛି ମାସ ହେଲା ସରକାରୀ ମହିଳା ମହାବିଦ୍ୟାଳୟର ହଷ୍ଟେଲ ଭାବେ ବ୍ୟବହାର କରାଯାଉଛି। ଏହି ଘରକୁ ୪ରୁ ୫ ମାସ ପୂର୍ବେ ହଷ୍ଟେଲ ଭାବେ ବ୍ୟବହାର କରାଯାଇଆସୁଛି । ମାତ୍ର ଏହା ମଧ୍ୟରେ ଡାକ୍ତର ପଣ୍ଡା ଏଥିନିମନ୍ତେ



ଆବଶ୍ୟକ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ଗତକାଲି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ହସ୍ତାନ୍ତର କରି ଦେଇଛନ୍ତି ।

ଏନେଇ ସେ କହିଛନ୍ତି, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର କିଛି ପିଲା ହଷ୍ଟେଲରେ ରହିବାକୁ ଜାଗା ନ ପାଇ ମୋ' ପାଖକୁ ଆସି ସେମାନଙ୍କ ଦୁଃଖ କହିଥିଲେ। ତେଣୁ କିଛି ପିଲାଙ୍କୁ ଉପର ମହଲାରେ ରଖିଛି। ଏହାପରେ ଭାବିଲି ଘର ଆଉ କାହାକୁ ଦେବା ଅପେକ୍ଷା କଲେଜ ଛୁଆମାନଙ୍କୁ କାହିଁକି ନ ଦେବି। ତେଣୁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ମହିଳା ମହାବିଦ୍ୟାଳୟକୁ ଘର ହସ୍ତାନ୍ତର କରି ଦେଇଛି। ଝିଅ ପିଲାଙ୍କ ହଷ୍ଟେଲ ପାଇଁ ଏହା ବ୍ୟବହାର ହେବ ।

ଏହି ଅବସରରେ ସେ କହିଛନ୍ତି, ମୁଁ ତ କୌଣସି ଜିନିଷ ନେଇ ଆର ପାରିକୁ ଯାଇ ପାରିବିନି, ତେଣୁ ଲୋଭ କାହିଁକି କରିବି। ଯେତିକି ଜିନିଷ ଦରକାର ସେତିକି ପାଖରେ ରଖି ଆଉ ସବୁ ଅନ୍ୟମାନଙ୍କୁ ଦାନ କରି ଦେବା ଉଚିତ।

ଏହା ପୂର୍ବରୁ ସେ ପାଠ ପଢୁଥିବା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅତ୍ୟାଧୁନିକ ଆଇଟି ସେଣ୍ଟର ସ୍ଥାପନ ନେଇ ୩୦ ଲକ୍ଷ ପ୍ରଦାନ କରିଥିଲେ । ଉକ୍ତ କଲେଜରେ ସେ ପାଠ ପଢୁଥିବା ବେଳେ କଲେଜ ତରଫରୁ ତାଙ୍କୁ ସ୍କଲାରଶିପ୍ ପ୍ରଦାନ କରାଯାଇଥିଲା। କଲେଜର ଋଣ ଶୁଝିବାକୁ ଯାଇ ସେ ୩୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ।

ଅନୁରୂପ ସରକାରୀ ମହିଳା ମହାବିଦ୍ୟାଳୟର ନବ ନିର୍ମିତ ବହୁମୁଖୀ ସମ୍ମିଳନୀ କକ୍ଷ ଓ ଭିତ୍ତିଭୂମିର ବିକାଶ ନେଇ ୨୦ ଲକ୍ଷର ଅନୁଦାନ ଦେଇ ସାରିଛନ୍ତି। ବିଭିନ୍ନ ମହାବିଦ୍ୟାଳୟର ସ୍ୱତନ୍ତ୍ର 'କର୍ପସ' ପାଣ୍ଠିକୁ ବି ଡାକ୍ତର ପଣ୍ଡା ଲକ୍ଷାଧିକ ଟଙ୍କା ଦାନ କରି ସାରିଛନ୍ତି। ଏହା ପରେ ସମ୍ବଲପୁରର ପୁଟିବନ୍ଧ ସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଆସବାବପତ୍ର କ୍ରୟ ତଥା ଭିତ୍ତିଭୂମି ବିକାଶ ନେଇ ସେ ୧୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ।

# ମୌଳିକ ସୁବିଧା ଦିଅ, ନହେଲେ ଦିଅ ଇଚ୍ଛା ମୃତ୍ୟୁ




ରାୟଗଡ଼ା (ଭିଓଭି): ମୌଳିକ ସୁବିଧା ଦିଅ, ନହେଲେ ଇଚ୍ଛା ମୃତ୍ୟୁ ଦିଅ। ଏଭଳି ଦାବି ନେଇ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ ପଦ ଯାତ୍ରା କରିଛନ୍ତି ଗରକପୁର ପଞ୍ଚାୟତ କାହୁଗୁଡ଼ା ଗ୍ରାମବାସୀ।

ଗାଁରେ ମୌଳିକ ସୁବିଧା ଦେବାକୁ ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଗୁହାରି କରି ନିରାଶ ହେବା ପରେ ଆଜି ୨୨ କିଲୋମିଟର ଦୂର କାଶୀପୁର ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ବିଡିଓଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ମୌଳିକ ସୁବିଧା ଦିଅ ନଚେତ୍ ସାମୁହିକ ଇଚ୍ଛା ମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କ ନିକଟକୁ ଆମ ଆବେଦନ ପଠାଇ ଦିଅ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ଏହାସହ ଆସନ୍ତା ଜାନୁୟାରୀ ୨୬ ଠାରୁ କାଶୀପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ପାଇଁ ମଧ୍ୟ ଅନୁମତି ଲୋଡ଼ିଛନ୍ତି। ଏହି ପଦଯାତ୍ରାରେ ଗାଁର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇଥିଲେ।

# ରାଜଧାନୀରେ ଲଜ୍ୟା ! ବୁଦା ମୂଳରୁ ମିଳିଲା ଶିଶୁକନ୍ୟାର ମୃତଦେହ

ଭୁବନେଶ୍ୱର (ଭିଓଭି): ରାତି ପାହିଲେ ଦେଶ ପାଳିବ ସାଧାରଣତନ୍ତ୍ର ଦିବସ। ହେଲେ ତାପୂର୍ବରୁ ଅଲୋଡ଼ା ହୋଇଛି ଶିଶୁ କନ୍ୟା। ଇଏ ଭୟାନକ ଚିତ୍ର କୌଣସି ଉପାନ୍ତ ବା ଆଦିବାସୀ ଅଧ୍ୟସିତ ଇଲାକାର ନୁହେଁ, ରାଜଧାନୀ ଭୁବନେଶ୍ୱର ଛାତି ଉପରୁ ଆସିଛି। ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଭୁବନେଶ୍ୱର କମିଶନରେଟ ପୁଲିସ ନବଜାତ ଶିଶୁ କନ୍ୟାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ନବଜାତ ଶିଶୁଟି କାହାର? ତାର ପରିଚୟ କ'ଣ?



ରାଜଧାନୀର ସବୁଠାରୁ ବ୍ୟସ୍ତବହୁଳ ଛକ ହେଉଛି ରସୁଲଗଡ଼। ଏହି ଛକଦେଇ ଯାଇଛି ୧୬ ନମ୍ବର ଜାତୀୟ ରାଜପଥ। ପ୍ରତି ଦିନ ପ୍ରତି କ୍ଷଣ ଶହଶହ ଗାଡ଼ି ଏହି ରାସ୍ତା ଦେଇ ଯିବା ଆସିବା କରୁଛି। ଅନବରତ ଗହଳି ଲାଗିରହିଥାଏ। ହେଲେ ଦୁର୍ଭାଗ୍ୟର ବିଷୟ ଛକଠାରୁ ଅନତି ଦୂରରେ ଏକ କଣ୍ଟା ବୁଦା ମୂଳରେ ପଡ଼ିଥିଲା ନବଜାତ ଶିଶୁ କନ୍ୟାର ମୃତଦେହ। ମୃତଦେହଟି ଗୋଟିଏ ଅଖାରେ ଗୁଡ଼ାଯାଇଥିଲା। ସେଇ ବାଟ ଦେଇ ଯାଉଥିବା ସ୍ଥାନୀୟ ଲୋକେ ଅଖାଟିକୁ ଦେଖି ସନ୍ଦେହ କରିଥିଲେ। ପରେ ଏନେଇ ପୁଲିସକୁ ଖବର ଦେଇ ଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଖାଟିକୁ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଅଖାରୁ ଶିଶୁ କନ୍ୟାର ମୃତଦେହ ମିଳିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ହେଲେ ଶିଶୁ କନ୍ୟାର ପରିଚୟ ମିଳି ପାରିନାହିଁ। ପ୍ରାଥମିକ ତଦନ୍ତରୁ ପିଲାଟି କୁମାରୀ ମାତୃତ୍ୱ ବୋଲି ଚର୍ଚ୍ଚା ହେଉଛି। ତେବେ ପୁଲିସ ଏନେଇ କୌଣସି ପ୍ରତିକ୍ରିୟା ଦେଇ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଅଭାବୀ ବିକ୍ରି; ଫୁଲକୋବି କିଲୋ ଦୁଇ ଟଙ୍କା

ଭୁବନେଶ୍ୱର (ଭିଓଭି): ଶୀତ ଋତୁ ଚାଲିଛି। ଏପରି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲ୍ଲା ଗଞ୍ଜାମରେ ଦେଖିବାକୁ ମିଳିଛି ଅଭାବୀ ବିକ୍ରି। ଫୁଲକୋବି କିଲୋ ଦୁଇ ଟଙ୍କାରେ ବିକ୍ରି ହେଉଛି। ବେପାରୀମାନେ ଚାଷୀଙ୍କଠାରୁ ୨ରୁ ୩ ଟଙ୍କାରେ ଫୁଲକୋବି କିଣି ନେଇ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଯାହାଫଳରେ ବେପାରୀମାନେ ମାଲାମାଲ୍ ହେଉଥିବା ବେଳେ ଚାଷୀ ବିଚାରା ମୁଣ୍ଡରେ ହାତ ଦେଇ ବସିଛି। କେମିତି ଋଣ ଟଙ୍କା ପରିଶୋଧ କରିବ, ସେହି ଚିନ୍ତାରେ ପଡ଼ିଯାଇଛି। ହେଲେ ଏଥିପ୍ରିତି ପ୍ରଶାସନର ତିଳେ ମାତ୍ର ନିଘା ନାହିଁ।

ଗଞ୍ଜାମ ବ୍ଲକର ସାନରାମଚନ୍ଦ୍ରପୁର, ଝାରେଡ଼ି ରାଧାଗୋବିନ୍ଦପୁର ଓ ସୁବଳୟା ପଞ୍ଚାୟତରେ ଚଳିତବର୍ଷ ପର୍ଯ୍ୟପ୍ତ ପରିମାଣରେ ଫୁଲ କୋବି ହୋଇଛି। ପାଗ ଠିକ୍‌ଠାକ୍ ଥିବାରୁ ଚାଷ ମଧ୍ୟ ଭଲ ହୋଇଛି। ଆଶା କରିଥିଲେ ଫୁଲକୋବି ବିକି ଋଣ ଟଙ୍କା ସୁଝିଦେବ। କିନ୍ତୁ ଚାଷୀଙ୍କ ଏହି ଆଶା ଫସର ଫାଟି ଯାଇଛି। ଫୁଲକୋବି ଅମଳ ହେଲା ବେଳକୁ ଗତ ମାସେ ହେଲା ଦର କମି କମି ଆସୁଛି। କିଲୋ ପ୍ରତି ମାତ୍ର ୨ ରୁ ୩ ଟଙ୍କାକୁ ଖସି ଆସିଲାଣି। କେବଳ ଏତିକି ନୁହେଁ ଗତ, କିଛି ଦିନ ହେଲା ଯେଉଁ ଦରରେ ବ୍ୟବସାୟୀମାନେ ଫୁଲକୋବି ନେଉଥିବା ବେଳେ ବର୍ତ୍ତମାନ ଆଉ ଚାଷୀଙ୍କଠାରୁ କିଣିବା ବନ୍ଦ କରି ଦେଇଛନ୍ତି।

ବ୍ୟବସାୟୀମାନେ ଫୁଲକୋବି ନେଉ ନଥିବା ଯୋଗୁ ଚାଷୀମାନେ ନିଜ ଚାଷ ଜମିରୁ ଆଉ ଫୁଲକୋବି କାଟୁ ନାହାନ୍ତି। ଯାହାଫଳରେ ଚାଷ ଜମିରେ ରହି ଫୁଲକୋବି ଗୁଡ଼ିକ ଧିରେ ଧିରେ ନଷ୍ଟ ହୋଇଯାଉଛି। ଏହି ଫୁଲକୋବି ପାଇଁ ଦୀର୍ଘ ତିନି ମାସ ଧରି କଷ୍ଟ ପଡ଼ିବା



ସହିତ ଗଛକୁ ହଜାର ହଜାର ଟଙ୍କାର ସାର ଦେଇ ଛୋଟରୁ ବଡ଼ କରିବା ପରେ ଅମଳ ସମୟ ବେଳକୁ ଅଭାବୀ ବିକ୍ରିରେ ସମ୍ମୁଖୀନ ହେଉଛନ୍ତି। ଫୁଲକୋବି ଚାଷ ପାଇଁ ବ୍ୟାଙ୍କରୁ ଋଣ କରିଥିଲେ। ଏବେ ସେହି ଟଙ୍କା କେମିତି ସୁଝିବେ, ସେହି ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ।

ଚାଷ ଆରମ୍ଭ ବେଳେ ଫୁଲକୋବି ବିହନ ୧୦ ଗ୍ରାମ ପିଛା ୫୦୦ ରୁ ୭୦୦ ଟଙ୍କାରେ କିଣିଥିଲେ। ଏଥିସହିତ ହଜାର ହଜାର ଟଙ୍କାର ମେଡ଼ିସିନ ପକାଇଥିଲେ। ଅମଳ ସମୟରେ ମୁଲିଆ ନିୟୋଜିତ କରିଥିଲେ। କିନ୍ତୁ ଅମଳ କରିବା ପରେ ବ୍ୟବସାୟୀମାନେ ମାତ୍ର ୨ ରୁ ୩ ଟଙ୍କାରେ ନେଉଛନ୍ତି। ଏହାରୁ ଅଧିକ ଦର କହିଲେ ମନା କରି ଚାଲି ଯାଉଛନ୍ତି। ଯାହାଫଳରେ ବାଧ୍ୟହୋଇ କମ ଦରରେ ବ୍ୟବସାୟୀଙ୍କୁ ଚାଷୀମାନେ ବିକିବାକୁ ବାଧ୍ୟ ହେଉଛନ୍ତି। ଫୁଲକୋବି ଜମିରୁ କାଟି ବର୍ତ୍ତମାନ ସମୟରେ ବିକ୍ରି କଲେ ମୁଲିଆ ମଜୁରୀ ଟଙ୍କା ବାହାରୁନି। ଯେହେତୁ ସ୍ଥାନୀୟ ଅଞ୍ଚଳରେ ସେତେ ମାତ୍ରରେ ଫୁଲକୋବିର ଚାହିଦା ନାହିଁ, ତେଣୁ ବ୍ୟବସାୟୀମାନେ ଅଧିକ ଦରରେ ନେଉନାହାନ୍ତି। ଗଞ୍ଜାମରେ ଶୀତଳ ଭଣ୍ଡାର ବ୍ୟବସ୍ଥା ଥିଲେ ହୁଏତ ଚାଷୀ କିଛି ପଇସା ପାଇଥାଆନ୍ତା। ସେପଟେ ଦେଖିବାକୁ ଗଲେ ବ୍ୟବସାୟୀମାନେ ଚାଷୀଙ୍କଠାରୁ କମ୍? ଦରରେ କିଣି ଗ୍ରାହକଙ୍କୁ ୧୦ରୁ ୧୫ ଗୁଣା ଅଧିକରେ ବିକ୍ରି କରୁଛନ୍ତି।

# ଓଡ଼ିଆ ବିଶ୍ୱ ବିଦ୍ୟାଳୟର ନୂଆ କ୍ୟାମ୍ପସ୍ ଲୋକାର୍ପିତ

ପୁରୀ (ଭିଓଭି): ପୁରୀ ଜିଲ୍ଲା ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍ ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆ କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମୟ ହେଉଛି ଓଡ଼ିଆ ଜାତି ପାଇଁ ଏକ ଗୌରବମୟ ସମୟ।

ସେ କହିଛନ୍ତି, ନିକଟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଆଜି ଓଡ଼ିଆ ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ୍ ଲୋକାର୍ପଟ ହେଲା। ଜାନୁଆରୀ ୨୭ ତାରିଖରେ ସମଲେଇ ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ଫେବୃଆରୀ ୩ ତାରିଖରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେବ। ତେଣୁ ନିଶ୍ଚିତ ଭାବେ ଏହା ଆମ ସମସ୍ତଙ୍କ ପାଇଁ, ସମଗ୍ର ଓଡ଼ିଆ ଜାତି ପାଇଁ ଏକ ଗୌରବର ସମୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସତ୍ୟବାଦୀକୁ ଓଡ଼ିଆ ନବଜାଗରଣର ପୀଠ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁଙ୍କ କର୍ମଭୂମୀ ହେଉଛି ସତ୍ୟବାଦୀ। ଭାଷା ଗୋଟିଏ ଜାତିର ଅସ୍ମିତାର ପରିଚୟ। ଗୋଟେ ଜାତିର ମୁକୁଟ ହେଉଛି ତା'ର ଭାଷା। ଭାଷାର ବ୍ୟବହାର ବଢ଼ିଲେ ଏହା ସମୃଦ୍ଧ ହୋଇଥାଏ ଏବଂ ଜାତିର ଗୌରବ ବୃଦ୍ଧି କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି, ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା। ଏହା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଓଡ଼ିଆ ଭାଷାରେ ଅନେକ ସମୃଦ୍ଧ ସାହିତ୍ୟ ସୃଷ୍ଟି ହୋଇଛି। ଆମ ସାହିତ୍ୟର ସାରା ବିଶ୍ୱରେ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରାଯିବା ଦରକାର। ଆମ ଭାଷା ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯିବା ଦରକାର। ସାମାଜିକ ଗଣମାଧମରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି କରାଯିବା ଦରକାର। ଏହା ସହିତ ଓଡ଼ିଆ ଭାଷା ଉପରେ ଅଧିକ ଗବେଷଣା କରାଯିବା ଦରକାର ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଛନ୍ତି, ଓଡ଼ିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଏକ ବଡ଼ ଅବଦାନ। ଓଡ଼ିଆ ବିଶ୍ୱବିଦ୍ୟାଳୟ ଯୋଗୁ ଓଡ଼ିଆ ଭାଷା ଓ ସାହିତ୍ୟକୁ ଭଲ ପାଉଥିବା ଦେଶ ବିଦେଶରେ ରହୁଥିବା ଓଡ଼ିଆମାନେ ଖୁବ ଉତ୍ସାହିତ ବୋଲି ସେ କହିଛନ୍ତି।

୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, କୁଳପତି ପ୍ରଫେସର ସବିତା ପ୍ରଧାନ ପ୍ରମୁଖ ଅଭିଭାଷଣ ଦେଇଥିଲେ।

୨୦୧୮ ମସିହା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିଥିଲେ। ଆଜି ଏହାର ପ୍ରଥମ ପର୍ଯ୍ୟାୟ ଉଦ୍ ?ଘାଟିତ ହୋଇଛି। ୯.୬୦ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ବିଶ୍ୱ ବିଦ୍ୟାଳୟକୁ ଅତ୍ୟାଧୁନିକ ସ୍ଥାପତ୍ୟ ଶୈଳୀ ଓ ଟେକ୍ନୋଲୋଜିରେ ନିର୍ମାଣ କରାଯାଇଛି। ପ୍ରଶାସନିକ ବିଲ୍‌ଡିଂରେ ସ୍ଥାପିତ ଓଡ଼ିଆ ବର୍ଣ୍ଣମାଳା ଅତୀବ ମନୋରମ ପରିଦୃଶ୍ୟ ହେଉଛି। ଏଥିରେ ସ୍କୁଲ ଅଫ ଲର୍ଣ୍ଣିଂ, ଗ୍ରନ୍ଥାଗାର, ହଷ୍ଟେଲ, ରାଧାକୁଣ୍ଡ ପୁଷ୍କରିଣୀ, କାଫେଟେରିଆ, ଫାଉଣ୍ଟେନ୍ ଇତ୍ୟାଦି ରହିଛି। ଏ ସବୁ ନିର୍ମାଣ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି। ଏହା ସହିତ ମୁକ୍ତ ପରିବେଶରେ ପାଠ ପଢ଼ାର ବ୍ୟବସ୍ଥା ମଧ୍ୟ ଅଛି।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡ୍ରୋନ୍‌ର ବ୍ୟବହାର କରିବ ଏମ୍ସ



ଭୁବନେଶ୍ୱର (ଭିଓଭି): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡ୍ରୋନ୍‌ର ବ୍ୟବହାର କରିବ ଭୁବନେଶ୍ୱର ଏମ୍ସ। ଡ୍ରୋନ୍ ଜରିଆରେ ରକ୍ତ, ଔଷଧ ଓ ମେଡିକାଲ ଉପକରଣ ପଠାଇବ। ଏଥିପାଇଁ ଆଜି ଏକ ଟ୍ରାଏଲ ରନ୍ କରାଯାଇଥିଲା ଓ ଏହା ସଫଳ ହୋଇଛି। ଏମ୍‌ସରୁ ରକ୍ତ ନେଇ ଟାଙ୍ଗୀ ମେଡିକାଲ୍‌କୁ ଯାଇ ଫେରିଥିଲା ଡ୍ରୋନ୍।

ଏ ସଂପର୍କରେ ସୂଚନା ଦେଇ ଭୁବନେଶ୍ୱର ଏମ୍ ?ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି, ଆଜି ଆମେ ପ୍ରଥମ ଥର ପାଇଁ ଡ୍ରୋନ୍‌ର ଟ୍ରାଏଲ୍ ରନ କରିଥିଲୁ ଓ ଏଥିରେ ସଫଳତା ପାଇଥିଲୁ। ଡ୍ରୋନ୍‌କୁ କିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟବହାର କରିହେବ ସେ ନେଇ ଆମର ଏକ ଅଭିଯାନ ଚାଲିଛି। ସାରା ଦେଶରେ ଏହାର ପ୍ରୟାସ କରାଯାଉଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏଥିପାଇଁ ଉତ୍ସାହିତ କରୁଛି।

ସେ କହିଛନ୍ତି, ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ରାସ୍ତା ଅବରୋଧ ହେଲେ ଅପହଞ୍ଚ ସ୍ଥାନକୁ ଡ୍ରୋନ୍ ସାହାଯ୍ୟରେ ମେଡିକାଲ ସେବା ପହଞ୍ଚାଇ ହେବ। ଜରୁରୀ କାଳୀନ ସେବାରେ ରକ୍ତ ପଠାଯାଇପାରିବ। ଆଜି ଟ୍ରାଏଲ ରନ୍‌ରେ ଡ୍ରୋନ୍ ରକ୍ତ ନେଇ ଟାଙ୍ଗୀକୁ ଯାଇଥିଲା। ସେଠାରେ ରକ୍ତ ଦେଇ ଡ୍ରୋନ୍ ଫେରି ଆସିଥିଲା। ଆମର ଟ୍ରାଏଲ ସଫଳ ହୋଇଛି। ଡ୍ରୋନ୍ ? ସାହାଯ୍ୟରେ ଆହୁରି ବହୁତ କିଛି କାର୍ଯ୍ୟ କରି ହେବ। ଔଷଧ ପଠାଯାଇପାରିବ। ଟେଷ୍ଟ ପାଇଁ ରକ୍ତ ପଠାଯାଇପାରିବ।ଜାନୁଆରୀ ୨୫ ତାରିଖରେ ଡ୍ରୋନ୍ ?ର ଶେଷ ଟ୍ରାଏଲ୍ ରନ୍ କରାଯିବ। ଏହା ବଡ଼ ଆକାରରେ ହେବ। ଏହା ବି ସଫଳ ହେବ ବୋଲି ଆଶା ଥିବା କହିଛନ୍ତି।

# ନକ୍ସଲଙ୍କ ଛତ୍ରଭଙ୍ଗ; ବିପୁଳ ବିସ୍ଫୋରକ ଜବତ

ବୌଦ୍ଧ (ଭିଓଭି): ବୌଦ୍ଧ-କନ୍ଧମାଳ ସୀମାନ୍ତ ନଳୀକୁମ୍ପା ଜଙ୍ଗଲରେ ପୁଲିସ୍ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ତେବେ କିଛି ଘଣ୍ଟା ଧରି ଗୁଳି ବିନିମୟ ଚାଲିବା ପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି। ପୁଲିସ୍ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରଖିଛି।

ନଳୀକୁମ୍ପା ଜଙ୍ଗଲରେ କୁଲବେଡ଼ା ଜଙ୍ଗଲରେ ମାଓ ଶିବିର ଚାଲିଥିବା ନେଇ ସୂଚନା ପାଇବା ପରେ ଆଜି ସକାଳେ ପୁଲିସ୍ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଇଥିଲା। ଏହି ସମୟରେ ନକ୍ସଲଙ୍କ ସହିତ ପୁଲିସର ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ କିଛି ଘଣ୍ଟା ଧରି ଗୁଳିବିନିୟମ ହୋଇଥିଲା। ପ୍ରାୟ କିଛି ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହା ପରେ ନକ୍ସଲମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ।

ପୁଲିସ ଗୋଟିଏ ନକ୍ସଲ କ୍ୟାମ୍ପ ଧ୍ୱଂସ କରିଥିବା ସୂଚନା ରହିଛି। ଏହି କ୍ୟାମ୍ପରେ ୨୫ରୁ ୩୦ ନକ୍ସଲ ଥିଲେ ବୋଲି ସୂଚନା ରହିଛି। ଘଟଣାସ୍ଥଳରୁ ଲ୍ୟାଣ୍ଡମାଇନ୍, ବନ୍ଧୁକ ସହ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।



# ନରାଜରେ ବିଦ୍ୟୁତଚାଳିତ ଗାଡ଼ି ଓ ବ୍ୟାଟେରୀ ଉତ୍ପାଦନ କରିବ ଜେଏସଡବ୍ଲ୍ୟୁ

କଟକ (ଭିଓଭି): କଟକର ନରାଜଠାରେ ଜେଏସଡବ୍ଲ୍ୟୁ ଗ୍ରୁପ ୪୦ହଜାର କୋଟି ଟଙ୍କା ନିବେଶ କରି ବିଦ୍ୟୁତଚାଳିତ (ଇଭି) ଗାଡ଼ି ଓ ବ୍ୟାଟେରୀ ନିର୍ମାଣ କାରଖାନା ସ୍ଥାପନ କରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜେଏସଡବ୍ଲ୍ୟୁ ଗ୍ରୁପକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରାଯିବ । ରାଜ୍ୟ କ୍ୟାବିନେଟ୍ ଏହି ପ୍ରୋତ୍ସାହନ ପ୍ୟାକେଜକୁ ଅନୁମୋଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଆଜି ଜେଏସଡବ୍ଲ୍ୟୁ ଗ୍ରୁପ୍ ଦ୍ୱାରା ପ୍ରଥମ ଇଭି ଉତ୍ପାଦନ ଶିଳ୍ପ ସ୍ଥାପନ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା । ଜେଏସଡବ୍ଲ୍ୟୁ ଦ୍ୱାରା କଟକର ନରାଜ ଓ ପାରାଦୀପଠାରେ ବିଦ୍ୟୁତଚାଳିତ ଯାନ ଓ ଏହାର ଉପକରଣ ଉତ୍ପାଦନ କରିବ । ଏଥିପାଇଁ ରାଜ୍ୟ କ୍ୟାବିନେଟ୍ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜକୁ ଅନୁମୋଦନ କରିଛନ୍ତି । ୪୦ହଜାର କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ଓ ୧୧ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ସହ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେବ ବୋଲି ଆଶା ବ୍ୟକ୍ତ କରାଯାଇଛି ।




ଜେଏସଡବ୍ଲ୍ୟୁ ଗ୍ରୁପ୍ ଦ୍ୱାରା କଟକର ନରାଜଠାରେ ଇଭି ଗାଡ଼ି ଓ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ସ୍ଥାପନ କରାଯିବ । ଏହି ୫୦ ଜିଡବ୍ଲ୍ୟୁଏଚ୍ କ୍ଷମତା ବିଶିଷ୍ଟ ଏକ ଉନ୍ନତ ବୈଷୟିକ ଜ୍ଞାନ ଆଧାରିତ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ଏହି କ୍ଷେତ୍ରରେ ବିଶ୍ୱର ସର୍ବବୃହତ ଏକକ ପ୍ରକଳ୍ପ ହେବ। ଦୁଇଟି ପର୍ଯ୍ୟାୟରେ ସମାନ ସୁବିଧାରେ ବୈଦ୍ୟୁତିକ ଯାନ ଓ ଉପାଦାନଗୁଡ଼ିକୁ ଉତ୍ପାଦନ ପାଇଁ ଏକ ଓରିଜିନାଲ ଇକ୍ୟୁପମେଂଟ ମାନୁଫାକଚରର କାରଖାନା ସ୍ଥାପନ କରିବାକୁ କମ୍ପାନୀ ଯୋଜନା କରୁଛି । ଯାହା ୪ହଜାରରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ।

ଏହାସହିତ ଜେଏସଡବ୍ଲ୍ୟୁ ନୂଆ ଯୁଗର ବୈଷୟିକ କ୍ଷେତ୍ରର ପାଦଚିହ୍ନର ସ୍ୱରୂପ ତୃତୀୟ ପର୍ଯ୍ୟାୟରେ ପାରାଦୀପରେ ତମ୍ବା ସ୍ମେଲଟର ସହିତ ଲିଥିୟମ ସ୍ମେଲଟର ଓ ବିଦ୍ୟୁତିକ ଯାନର ଆନୁସାଙ୍ଗିକ ଉପାଦାନ ଉତ୍ପାଦନ କମ୍ପ୍ଲେକ୍ସ ସ୍ଥାପନ କରିବାକୁ ଯୋଜନା କରିଛି । ଏହି ପର୍ଯ୍ୟାୟରେ ଜେଏସଡବ୍ଲ୍ୟୁ ୭ହଜାରରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରି ରାଜ୍ୟରେ ୧୫ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା କରିଛି ।

ଭାଗ-୧ । ସଂଖ୍ୟା-୧୧ । ଭୁବନେଶ୍ୱର । ୨୯ ଜାନୁଆରୀରୁ ୪ ଫେବୃଆରୀ ୨୦୨୪
Vol-1 I Issue-11 I Bhubaneswar I 29 January to Feb. 4 2024

# କାଟ୍ରାଗଡ଼ାକୁ ଛୁଇଁନି ବିଜୁଳି, ୫୦୦ଟଙ୍କା ଭତ୍ତାକୁ ଖର୍ଚ୍ଚ ହଜାରେ



କୋରାପୁଟ (ଭିଓଭି): କୋଟିଆକୁ ନେଇ ନେତାଙ୍କ ଗର୍ଜନ ଭିତରେ ପଦାକୁ ଆସିଲା କୋଟିଆର ଅସଲ ବିକାଶର ଚିତ୍ର। କୋଟିଆ ପଞ୍ଚାୟତ ସଦର ମହକୁମାରୁ ମାତ୍ର ୪ କିମି ଦୂର କାଟ୍ରାଗଡ଼ାକୁ ଛୁଇଁପାରିନି ବିଜୁଳି ସେବା। ଗାଁ ଗାଁରେ ବିଜୁଳି ସେବା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଥିବା ସରକାରଙ୍କ ପାଇଁ କାଟ୍ରାଗଡ଼ା ଆଜି ଆହ୍ୱାନ ସଦୃଶ ହୋଇଛି। ଖୋଦ୍ ପଟାଙ୍ଗି ବିଧାୟକ ଏଭଳି ସମସ୍ୟାକୁ ସ୍ୱୀକାର କରିବା ସହ ଚଳିତବର୍ଷ ଏହି ଗାଁକୁ ବିଜୁଳି ସେବା ସ୍ୱାଭାବିକ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପାହାଡ଼ ପର୍ବତ ଘେରା କୋଟିଆ ପଞ୍ଚାୟତର ମୋଟ ଜନସଂଖ୍ୟା ୮ ହଜାର ଭିତରେ ହୋଇଥିଲେ ହେଁ ଭୌଗୋଳିକ ଦୃଷ୍ଟିକୋଣରୁ ଅନେକ ଗାଁ ଲୋକଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଆଜି ବି ଅପହଞ୍ଚ। ଅଙ୍କାବଙ୍କା ବିପଦସଙ୍କୁଳ ଘାଟି ରାସ୍ତାରେ ଚାରିଚକିଆ ଯାନ ଗଡ଼ିବାବେଳେ ଭୟ ସଞ୍ଚାର ହେଉଥିବାବେଳେ ଗାଁଗହଳିର ଲୋକେ କିଭଳି ଏତେଦୂର ପହଞ୍ଚିପାରିବେ ତାହା ମଧ୍ୟ ବଡ଼ ପ୍ରଶ୍ନ। ରାଜ୍ୟ ସରକାର କୋଟିଆକୁ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ପ୍ରାୟ ୨୫୦କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି ସତ, ବାସ୍ତବରେ ଏହି ଅନୁଦାନର କାର୍ଯ୍ୟାନ୍ୱୟନ କେମିତି ଚାଲିଛି ତାହା ମଧ୍ୟ ବଡ଼ ପ୍ରଶ୍ନ। ଖୁବ୍ ସୁନ୍ଦର ରାସ୍ତାଘାଟରେ ଛୁଟୁଛି ଚାରିଚକିଆ, କିନ୍ତୁ ଦେଖିବାକୁ ମିଳୁନି ସରକାରୀ ବସ୍। ଯା'ଫଳରେ ଆଜି ବି କୋଟିଆ ପଞ୍ଚାୟତରୁ କୁନ୍ଦୁଲି ଏବଂ ବିଭିନ୍ନ ଗାଁରୁ କୋଟିଆ ପର୍ଯ୍ୟନ୍ତ ବିପଦସଙ୍କୁଳ ଭାବେ କମାଣ୍ଡରରେ ଭିତରେ ଯେତିକି, ଉପରେ ତା' ଠାରୁ ଅଧିକ ଯାତ୍ରୀ ବୋଝେଇ ହୋଇ ଆସୁଥିବା ଦେଖିଲେ ଏ ପଞ୍ଚାୟତକୁ ପରିବହନ କେତେଦୂର ପହଞ୍ଚିପାରିଛି ତାହା ବୁଝି ହେଉଛି।

ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ କୋଟିଆ ସଦର ମହକୁମାରେ ଥିବା ଆଶ୍ରମ ବିଦ୍ୟାଳୟ ଛାଡ଼ିଦେଲେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ଖୁବ୍ ନଗଣ୍ୟ। ସୀମାନ୍ତ ଫାଟୁସିନେରିରେ ପ୍ରତିଷ୍ଠିତ ପ୍ରାଥମିକ ବିଦ୍ୟାଳୟରେ ପାଞ୍ଚଟି ଶ୍ରେଣୀରେ ୧୦ଜଣରୁ କମ୍ ପିଲା ପାଠ ପଢ଼ିବା, ପାଖରେ ଓଡ଼ିଶା ବିଦ୍ୟାଳୟ ଛାଡ଼ି ଦୂରରେ ଅବସ୍ଥିତ ଆନ୍ଧ୍ର ବିଦ୍ୟାଳୟ ଉପରେ ନିର୍ଭର କରିବା ଘଟଣା ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଆଙ୍କିଛି। ଅଙ୍ଗନବାଡ଼ିରେ ଅ,ଆ ଶିଖି ପରବର୍ତ୍ତୀ ସମୟରେ କିଭଳି ତେଲେଗୁ ଶିକ୍ଷାକୁ ଆପଣାଉଛନ୍ତି ତାହା ମଧ୍ୟ ପ୍ରଶ୍ନ। ଭାଷାଗତ ସାମଞ୍ଜସ୍ୟ ଓ ଭତ୍ତା ପ୍ରଲୋଭନ ସେମାନଙ୍କୁ ଆନ୍ଧ୍ର ଶିକ୍ଷା ବ୍ୟବସ୍ଥା ପ୍ରତି ଆକୃଷ୍ଟ କରୁଥିବା ସ୍ପଷ୍ଟ ବୁଝି ହେଉଛି। ସ୍ୱାସ୍ଥ୍ୟ କଥା ବିଚାର କଲେ କୋଟିଆ ସଦର ମହକୁମାରେ ପ୍ରତିଷ୍ଠିତ ଚିକିତ୍ସାଳୟ ଆବଶ୍ୟକତା ମେଣ୍ଟାଇପାରୁନି। ସମସ୍ତ ଗାଁକୁ ରୋଗୀବୁହା ଯାନ ପହଞ୍ଚିପାରୁ ନ ଥିବା ଓ ଗୋଟିଏ ରୋଗୀବୁହା ଯାନ ଲୋକଙ୍କ ଆବଶ୍ୟକତା ମେଣ୍ଟାଇପାରୁ ନ ଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ତଳଗଞ୍ଜେଇପଦରରେ ଜଣକ ଘରେ ଆନ୍ଧ୍ରର ପଞ୍ଚାୟାତ କାର୍ଯ୍ୟାଳୟ ଚାଲିଥିବାବେଳେ ଭୌଗୋଳିକ ଅବସ୍ଥିତିକୁ ଲକ୍ଷ୍ୟ କରି ସମସ୍ତଙ୍କ ନିକଟରେ ସୁବିଧାରେ ପହଞ୍ଚିବା ପାଇଁ ଆନ୍ଧ୍ର ତିନୋଟି ପଞ୍ଚାୟତରେ ବିଭକ୍ତ କରିଥିବାବେଳେ ଓଡ଼ିଶା ସରକାର ଜନସଂଖ୍ୟାର ଦ୍ୱାହି ଦେଇ କୋଟିଆକୁ କେବଳ ଗୋଟିଏ ପଞ୍ଚାୟତରେ ହିଁ ସୀମିତ ରଖିଛନ୍ତି, ଯେଉଁଥିପାଇଁ ପଞ୍ଚାୟତର ସୁବିଧା ଓ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରୁ ନ ଥିବା କୁହାଯାଉଛି। ଆନ୍ଧ୍ର ପକ୍ଷରୁ ଘରେ ଘରେ ସରକାରୀ ଯୋଜନା ସହ ଭତ୍ତା ପହଞ୍ଚାଇ ଦିଆଯାଉଛି। ଏପଟେ ଓଡ଼ିଶା ପ୍ରଶାସନ ନିୟମରେ ବନ୍ଧା ପଡ଼ିଛି। ଦ୍ୱାର ମୁହଁରେ ଆନ୍ଧ୍ରର ୨୫୦୦ଟଙ୍କା ଭତ୍ତା ପାଉଥିବା ଲୋକଙ୍କୁ ଓଡ଼ିଶା ସରକାରଙ୍କ ୫୦୦ଟଙ୍କାର ଭତ୍ତା ପାଇବାକୁ ହଜାରେ ଖର୍ଚ୍ଚ କରିବାକୁ ପଡୁଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଓଡ଼ିଶା ସରକାରଙ୍କ ନିୟମ ପ୍ରକାରେ ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି। ପୂର୍ବରୁ ନେରେଡ଼ିୱାଲସା ଓ ସୀମାନ୍ତ ଫାଟୁସିନେରି ବାସିନ୍ଦାଙ୍କୁ ୫୦୦ଟଙ୍କା ପାଇଁ ପଟାଙ୍ଗି ଆସିବାକୁ ୧୫୦୦ ଖର୍ଚ୍ଚ କରିବାକୁ ପଡୁଥିଲା।

ଏବେ କୋଟିଆରେ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲେ ହେଁ ପଞ୍ଚାୟତ ସଦର ମହକୁମାକୁ ଆସିବାକୁ ଅନେକ ଅକ୍ଷମ। ବ୍ୟାଙ୍କ ଖୋଲାଥିଲେ ଲିଙ୍କ୍ ନାହିଁ, ଲିଙ୍କ ଥିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାହାନ୍ତି, ଯେଉଁମାନେ ଖର୍ଚ୍ଚାନ୍ତ ହୋଇ ଆସୁଛନ୍ତି ସେମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ଗତକାଲି କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ବେଳେ ଫାଟୁସିନେରି ବାସିନ୍ଦା ଏଭଳି ଗୁରୁତର ଅଭିଯୋଗ କରିଥିଲେ। 'ଦ୍ୱାର ମୁହଁରେ ୨୫୦୦ ଭଲ, ନାଁ ୫୦୦ପାଇଁ ୧୫୦୦ଖର୍ଚ୍ଚ ଭଲ' ବୋଲି ପ୍ରଶ୍ନର ଉତ୍ତର ମିଳିନାହିଁ। ନେଟୱର୍କ ସମସ୍ୟା କୋଟିଆର ଚିର ସାଥି ପାଲଟିଛି। ୫-ଜି ସେବାରେ ପହଞ୍ଚିସାରିଥିବା ବ୍ୟବସ୍ଥା ଭିତରେ ଏ ମାଟିର ଅଧିବାସୀ ନେଟୱର୍କ ସମସ୍ୟାରେ ଜୁଝି ହେଉଛନ୍ତି।

# ୨୩ ବର୍ଷ ହେଲା ଶେଯରେ କଟୁଛି ଜୀବନ, ମିଳୁନାହିଁ ଚାଉଳ କି ଘର



ପାଟଣା(ଭିଓଭି): ୨୩ ବର୍ଷ ହେଲା ଦୁର୍ଘଟଣାରେ ଅକର୍ମଣ୍ୟ ହୋଇ ଶେଯରେ ପଡି ରହିଥିବା ଜଣେ ବ୍ୟକ୍ତିଙ୍କୁ ଆଧାର କାର୍ଡ ବାହାନାରେ ପଡ଼ି କାର୍ଡରେ ଚାଉଳ ନ ଦିଆଯିବା, ଆବାସ ଯୋଜନାରୁ ବଞ୍ଚିତ କରାଯିବା ଓ ହୁଇଲ ଚେୟାର ଖଣ୍ଡିଏ ନମିଳିବା ପାଟଣା ବ୍ଲକ ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏଭଳି ଘଟଣା ପାଟଣା ବ୍ଲକ ମୂଷାଖୋରୀ ଗ୍ରାମର ମୂଷାନାଳି ସାହିର ସ୍ୱର୍ଗତ କ୍ଷେତ୍ର ମହାନ୍ତଙ୍କ ସାନ ପୁଅ କମଳା କାନ୍ତ ମହାନ୍ତ (୪୦)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ୨୦୦୧ ଅକ୍ଟୋବର ୩ରେ ପାଟଣାରେ ଦୁର୍ଘଟଣାରେ କମଳା କାନ୍ତ ପଙ୍ଗୁ ହୋଇ ଯାଇଥିଲେ। କଟକ ବଡ଼ ଡ଼ାକ୍ତରଖାନାରେ ୭ ମାସ ଓ ରେକୁଲାରେ ୨ ମାସ ଚିକିତ୍ସା ସତ୍ତ୍ୱେ ତାଙ୍କର ମେରୁଦଣ୍ଡ ଅଚଳ ହୋଇପଡିବା ଓ ଦୁଇ ଗୋଡ଼ ପକ୍ଷାଘାତ ଆକ୍ରାନ୍ତ ହୋଇ ରହିଲା। ବାଧ୍ୟ ହୋଇ ବଡ଼ ଭାଇ ଚନ୍ଦ୍ରମୋହନ ତାଙ୍କୁ ଘରକୁ ନେଇ ଆସିଲେ। ସେବେଠାରୁ ସେ ନିଜ ଘରେ ଶଯ୍ୟାଶାୟୀ ହୋଇ ରହିଛନ୍ତି। ତାଙ୍କୁ ମିଳୁଥିବା ୭ଶହ ଟଙ୍କା ଭତ୍ତା ହିଁ ତାଙ୍କର ଚିକିତ୍ସା ଓ ଅନ୍ୟାନ୍ୟ ଖର୍ଚ୍ଚର ସାହାରା ପାଲଟିଛି। ଏପରିକି ୫ ବର୍ଷ ହେଲା ଆଧାର କାର୍ଡ ହୋଇ ନଥିବାରୁ ତାଙ୍କୁ ପଡ଼ି କାର୍ଡରେ ମଧ୍ୟ ଚାଉଳ ମିଳୁନାହିଁ। ତାଙ୍କ ନାମରେ ପୂର୍ବରୁ ଆବାସ ଯୋଜନାରେ ଘର ଆସିଥିବା ସେ ଜାଣିଥିବା ବେଳେ ତାଙ୍କୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମଧ୍ୟ ମିଳିନାହିଁ। ଏପରିକି ୨୦ ବର୍ଷ ତଳେ ମିଳୁଥିବା ହୁଇଲ୍ ଚେୟାରଟି ଭାଙ୍ଗି ରୁଜି ଯାଇଥିଲେ ମଧ୍ୟ ତାଙ୍କୁ ନୂଆ ସାଧାରଣ ଅଥବା ଯନ୍ତ୍ର ଚାଳିତ ହୁଇଲ ଚେୟାର ମଧ୍ୟ ମିଳିପାରୁ ନାହିଁ। ଯାହା ଫଳରେ କମଳାକାନ୍ତ ବଡ଼ ଭାଇଙ୍କ ଆଶ୍ରାରେ ଅସହାୟ ଜୀବନ ବିତାଉଛନ୍ତି। ୫ ଥର ଆଧାର ଫଟୋ ଉଠାଇ ଥିଲେ ମଧ୍ୟ ତାଙ୍କର ଆଧାର ହୋଇ ପାରୁନଥିବା ସେ ସୂଚନା ଦେଇଛନ୍ତି।

# ଜଙ୍ଗଲ ଧ୍ୱଂସ ଯୋଗୁଁ ଲୋପ ପାଉଛି ଔଷଧିୟ ବୃକ୍ଷ

କେନ୍ଦୁଝରଗଡ(ଭିଓଭି): କେନ୍ଦୁଝର ଜିଲାରେ ଖଣିଖନନ ନାମରେ ବ୍ୟାପକ ଜଙ୍ଗଲ ଧ୍ୱଂସ ଯୋଗୁଁ ଚେରମୂଳି ଔଷଧ ଜାତୀୟ ବୃକ୍ଷ ଲୋପ ପାଇବାକୁ ବସିଲାଣି। ଯୋଡ଼ା-ବଡ଼ବିଲ ଖଣି ଅଞ୍ଚଳ ମାନଙ୍କରେ ଏହି ବୃକ୍ଷ ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଥିବା ବେଳେ ଜିଲାର ଅନ୍ୟ ଅଞ୍ଚଳମାନଙ୍କରୁ ମଧ୍ୟ ଏହା କ୍ରମଶଃ ଲୋପ ପାଇବାକୁ ବସିଛି। ଖଣିଖନନ ହେତୁ ଗନ୍ଧମାର୍ଦ୍ଦନ ପାହାଡ଼ରେ ଥିବା ଦୁର୍ଲ୍ଲଭ ପାତାଳଗରୁଡ଼, ବିଶଲ୍ୟକରଣୀ, ଅଗ୍ନିଜାଳ, ଖଣ୍ଡାଖାଇ ଆଦି ଔଷଧୀୟ ବୃକ୍ଷ ଲୁପ୍ତ ପ୍ରାୟ ଅବସ୍ଥାରେ ପହଞ୍ଚିଛି।

ଏତଦ୍ ବ୍ୟତୀତ ଏବେ ଖଣିମାଲିକଙ୍କ ଲୋଲୁପ ଦୃଷ୍ଟି ଖଣ୍ଡାଧାର ଜଳପ୍ରପାତ ଅଞ୍ଚଳ, ପର୍ଯ୍ୟଟନ କେନ୍ଦ୍ର ଗୋନାସିକା, ଗୁପ୍ତଗଙ୍ଗା ଆଦି ଅଞ୍ଚଳରେ ପଡ଼ିଥିବାରୁ ଯଦି ଏହି ଅଞ୍ଚଳ ମାନଙ୍କରେ ଖଣି ଉତ୍ତୋଳନ ପ୍ରକ୍ରିୟା ଆରମ୍ଭ ହୁଏ ତାହାଲେ ଉକ୍ତ ଅଞ୍ଚଳରେ ଥିବା ଔଷଧିୟ ବୃକ୍ଷ ମଧ୍ୟ ଲୋପ ପାଇବ। ଏହି ଜିଲାର ଗରିବ



ଅଧିବାସୀମାନେ ସାଧାରଣତଃ ଜଙ୍ଗଲରୁ ସଂଗ୍ୟହୀତ ଜଡିବୁଟି ତଥା କବିରାଜି ଚିକିତ୍ସା ଉପରେ ନିର୍ଭର କରି ସେମାନଙ୍କର ରୋଗରୁ ଆରୋଗ୍ୟ ମୁକ୍ତ ହୋଇଥାନ୍ତି। ଏହି ଚିକିତ୍ସା ଉପରେ ସେମାନଙ୍କର ଅଗାଧ ବିଶ୍ୱାସ ରହିଛି। ଚେରମୂଳି ଔଷଧ ଦ୍ୱାରା ଖୁବ୍ କମ୍ ଖର୍ଚ୍ଚରେ ଭଲ ହୋଇ ପାରୁଥିବା ରୋଗ ଏବେ ବହୁ ଅର୍ଥ ବ୍ୟୟ ସତ୍ତ୍ୱେ ରୋଗ ମୁକ୍ତ ହୋଇ ପାରୁନଥିବା ଦେଖାଯାଉଛି। ଚେରମୂଳି ଜାତୀୟ ଔଷଧୀୟ ବୃକ୍ଷର ବିଲୋପ ଯୋଗୁଁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ପୋଡୁ ଚାଷ ଯୋଗୁଁ ମଧ୍ୟ ବ୍ୟାପକ ଜଙ୍ଗଲ ଧ୍ୱଂସ କରାଯାଉ ଥିବାରୁ ବହୁ ଔଷଧୀୟ ବୃକ୍ଷ ନଷ୍ଟ ହେବାକୁ ଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କଳାକାହ୍ନୁଙ୍କ ପାଇଁ ଭତ୍ତା ସପନ

ବୌଦ୍ଧ (ଭିଓଭି): ଗରିବ ହୋଇଥିବେ। ବୟସ ୭୦ରୁ ଊର୍ଦ୍ଧ୍ୱ ହୋଇଥିଲେ ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରି ଭତ୍ତା ବାବଦରେ ମାସକୁ ୫ଶହ ଟଙ୍କା ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରାଇଛନ୍ତି। ଭତ୍ତା ଆଶାୟୀ ଗରିବ, ବୃଦ୍ଧ, ବୃଦ୍ଧା ଚିହ୍ନଟ କରିବାକୁ ସରକାରୀ ବାବୁଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ବୌଦ୍ଧ ବ୍ଲକରେ ଅସଲି ହିତାଧିକାରୀମାନଙ୍କ ପାଇଁ ଭତ୍ତା ସାତ ସପନ ପାଲଟିଛି। ବିଭାଗୀୟ



ଅଣଦେଖା ଯୋଗୁଁ ବୟସର ଅପରାହ୍ନରେ ମଧ୍ୟ ବୌଦ୍ଧ ବ୍ଲକ ଗୋଛାପଡ଼ା ପଞ୍ଚାୟତ ଅର୍ନ୍ତଗତ ଅଁଳାଝୁଲି ଗ୍ରାମର କଳାକାହ୍ନୁ ଦନ୍ତା(୭୦)ଭଳି ଅନେକ ବୃଦ୍ଧ ବୃଦ୍ଧା ଭତ୍ତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। କଳାକାହ୍ନୁ ବିଭିନ୍ନ ସମୟରେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଭତ୍ତା ପାଇଁ ଆବେଦନ କରଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ଭତା ମିଳିପାରିନାହିଁ। କାହ୍ନୁଙ୍କ ସ୍ତ୍ରୀ ଆରପାରିକୁ ଯାଇସାରିଲେଣି। କୌଣସି ଏକ ଦୂରାରୋଗରେ ପିଡିତ ସ୍ତ୍ରୀର ଚିକିତ୍ସା ପାଇଁ ଟଙ୍କା ଖର୍ଚ୍ଚ କରିନପାରିବାରୁ ସେ ଆରପାରିକୁ ଚାଲିଯାଇଥିଲେ। ଘରେ ଦୁଇ ଦୁଇଟି ବଢ଼ନ୍ତା ଝିଅ। ଏମିତି ଦୁର୍ଦ୍ଦିନ ସମୟରେ କଳାକାହ୍ନୁଙ୍କୁ ଭତ୍ତା ଖଣ୍ଡେ ନମିଳିବା ସରକାରୀ ଯୋଜନାର ଦୁର୍ବଳତାକୁ ପଦାରେ ପକାଉଛି। କଳାକାହ୍ନୁ ଅନେକଥର ଜିଲାପାଳଙ୍କୁ ସାକ୍ଷାତ କରି ଗୁହାରି ଜଣାଇବାକୁ ମନସ୍ଥ କରିଥିଲେ ମଧ୍ୟ ଶରୀର ଓ ସମ୍ବଳ ତାଙ୍କୁ ସହଯୋଗ କରିପାରୁନାହିଁ। ତେଣୁ ଜିଲ୍ଲାପାଳ ଏହି ମାମଲାରେ ହସ୍ତକ୍ଷେପ କରି ଅସହାୟ କଳାକାହ୍ନୁଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହିତ ତାଙ୍କୁ ଭତା ଯୋଗାଇ ଦେବାକୁ ଯୁବ ସମାଜିକ କର୍ମୀମାନେ ଦାବି କରିଛନ୍ତି।

## 'ଜାତୀୟ ବାଳିକା ଦିବସ'

# ସାମାଜିକ ପରିବର୍ତ୍ତନର ଧାରକ ହେଉ !

**ନୂଆଦିଲ୍ଲୀ:** ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ, ସାମରିକ ଓ କୃଷିଠାରୁ ଆରମ୍ଭ କରି ରାଜନୀତି, ଅର୍ଥନୀତି ଓ କୂଟନୀତି ପରି ପ୍ରତ୍ୟେକ କ୍ଷେତ୍ରରେ ଝିଅମାନଙ୍କ ଅଭୂତପୂର୍ବ ସଫଳତା ଓ ଦକ୍ଷତା ସତ୍ତ୍ୱେ ଆଜି ମଧ୍ୟ ଆମ ମାନସିକତାରେ ଲିଙ୍ଗଗତ ଭେଦଭାବର ପ୍ରଭାବ ଅବଦମିତ ହୋଇ ରହିଛି। ଆଜି ମଧ୍ୟ ଆମ ଦେଶର ଅନେକ ରାଜ୍ୟରେ ପରିବାରରୁ ସମାଜ ଓ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ବାଳିକାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।



କିଛି ଅନ୍ଧ ମାନସିକତା ଆଜି ପର୍ଯ୍ୟନ୍ତ ଆମର ପୁରୁଷ ପ୍ରଧାନ ସମାଜରେ ବଳବତ୍ତର ରହିଛି। ଯାହାର ପରିଣାମ ସ୍ୱରୂପ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ଅନୁପାତ ଧୀରେ ଧୀରେ କମିବାରେ ଲାଗିଛି। ଏକ ସର୍ଭେରୁ ଜଣାଯାଇଛି ୨୦୦୧ ମସିହାରେ ଆମ ଦେଶରେ ପ୍ରତି ୧୦୦୦ ପୁଅରେ ୯୩୩ ଝିଅ ଥିବା ବେଳେ ୨୦୧୧ରେ ତାହା ୯୧୮ରେ ପହଞ୍ଚିଛି। ୨୦୦୧ ଜନଗଣନା ଅନୁସାରେ ଆମ ଦେଶରେ ପ୍ରତିବର୍ଷ ୧୨ ନିୟୁତରୁ ଉର୍ଦ୍ଧ୍ୱ ଶିଶୁ ଜନ୍ମ ଗ୍ରହଣ କରନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ତନ୍ମଧ୍ୟରୁ ଏକ ତୃତୀୟାଂଶ ମାତ୍ର ଜୀବିତ ରୁହନ୍ତି। ଏହାର ପ୍ରମୁଖ କାରଣଗୁଡ଼ିକ ହେଲେ ଶିଶୁ ମୃତ୍ୟୁ, କନ୍ୟା ଭ୍ରୁଣହତ୍ୟା, ଯତ୍ନର ଅଭାବ, ପୁଷ୍ଟିହୀନତା ଇତ୍ୟାଦି। ଆମ ଦେଶରେ ୫୬% ବାଳିକା ରକ୍ତହୀନତାର ଶିକାର ହେଉଥିବା ବେଳେ ୪୫% ରୁଗ୍ଣ ସ୍ୱାସ୍ଥ୍ୟର ଶିକାର ହୋଇଥାନ୍ତି। ବାଳିକା ଶିଶୁମାନଙ୍କ ଅଧିକାରକୁ ନେଇ ଆମ ସମାଜରେ ଅନେକ ବିଭ୍ରାନ୍ତିକର ଧାରଣା ବା କୁସଂସ୍କାର ସାଧାରଣତଃ ଗ୍ରାମାଞ୍ଚଳରେ ବଳବତ୍ତର ରହିଛି। ନିଜର ଲାଭ ପାଇଁ ଏବଂ ନିଜର ପୁରୁଣାକାଳିଆ ଚିନ୍ତାଧାରା ପାଇଁ ସେମାନେ ନିଜର କନ୍ୟା ସନ୍ତାନର ଭବିଷ୍ୟତକୁ ମଧ୍ୟ ବାଜିରେ ଲଗାଇ ଦିଅନ୍ତି। ଯାହାର ପରିଣାମ ସ୍ୱରୂପ କନ୍ୟା ଭ୍ରୁଣହତ୍ୟା, ଶିଶୁ କନ୍ୟା ମୃତ୍ୟୁ, ବାଲ୍ୟ ବିବାହ, ପୁଷ୍ଟିହୀନତା, ଅଧାରୁ ପାଠ ଛାଡ଼ିବା, ବାଳ ଶ୍ରମିକ, ବାଳିକା ଚାଲାଣ,ଯୌନ ନିର୍ଯ୍ୟାତନା, ଲିଙ୍ଗଗତ ବୈଷମ୍ୟ ଇତ୍ୟାଦିର ଶିକାର ହୁଅନ୍ତି ନିରୀହ ବାଳିକା ଶିଶୁ।

ସମଗ୍ର ବିଶ୍ୱରେ ଝିଅମାନେ ସାମନା କରୁଥିବା ଲିଙ୍ଗଗତ ଭେଦଭାବକୁ ନେଇ ସଚେତନତା ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟି ଅଧିକାର, ଆଇନ ଅଧିକାର, ପାରିବାରିକ ହିଂସା, କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୁଦ୍ଧରେ ଏକ ସଚେତନତା ଦିବସ ହେଲା ଆଜିର ଦିନ, ଜାତୀୟ ବାଳିକା ଦିବସ। ଆଜିର ସମାଜରେ ବାଳିକା ଶିଶୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ସେମାନଙ୍କ ସୁରକ୍ଷା ଓ ଅଧିକାର ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରି ଏକ ସାମାଜିକ ପରିବର୍ତ୍ତନର ଉପଯୋଗିତାକୁ ଲକ୍ଷ୍ୟ ରଖି ଭାରତରେ ଜାନୁଆରୀ ୨୪ ତାରିଖକୁ ଜାତୀୟ ବାଳିକା ଦିବସ ଭାବରେ ପାଳନ କରାଯାଏ।

କେନ୍ଦ୍ର ସରକାର ବେଟି ବଚାଓ ବେଟି ପଢ଼ାଓ , ସୁକନ୍ୟା ସମୃଦ୍ଧି ଯୋଜନା ,ବାଳିକା ସମୃଦ୍ଧି ଯୋଜନା, କିଶୋରୀ ପୋଷଣ କାର୍ଯ୍ୟକ୍ରମ ପରି ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେହିପରି ବିଭିନ୍ନ ରାଜ୍ୟ ସରକାର ମଧ୍ୟ ବାଳିକାମାନଙ୍କ ସୁରକ୍ଷା ଓ ଅଧିକାର ନିମନ୍ତେ ଅନେକ ଯୋଜନାମାନ ପ୍ରଣୟନ କରିଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ବିଜୁ କନ୍ୟାରତ୍ନ, ବିଜୁ ଶିଶୁ ସୁରକ୍ଷା ଯୋଜନା, ମଧୁବାବୁ ଆଇନ ସହାୟତା ଇତ୍ୟାଦି ପ୍ରଣୟନ କରିବା ସହିତ ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ଏବଂ ବାଳିକାମାନଙ୍କୁ ଆତ୍ମନିର୍ଭର ହେବା ପାଇଁ ମାଗଣା ସାଇକେଲ ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ଆମମାନଙ୍କ ଭିତରେ ସ୍ୱତଃପ୍ରବୃତ୍ତ ଏହି ପ୍ରଶ୍ନ ଯେ ସରକାରଙ୍କ ପକ୍ଷରୁ ବିଭିନ୍ନ ବାଳିକା କଲ୍ୟାଣକାରୀ ଯୋଜନା ଏବଂ ସେମାନଙ୍କ ସୁରକ୍ଷା ପାଇଁ ଆଇନ ମାନ ପ୍ରଣୟନ କରାଯାଉଥିଲେ ମଧ୍ୟ ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ବାଳିକା ଶିଶୁ ସେମାନଙ୍କ ସର୍ବନିମ୍ନ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି, ଏପରିକି ଭୂପୃଷ୍ଠକୁ ଆସିବା ପୂର୍ବରୁ କନ୍ୟା ଭ୍ରୁଣକୁ ହତ୍ୟା କରି ଦିଆଯାଉଛି। ଲିଙ୍ଗଗତ ବୈଷମ୍ୟ, ସର୍ବନିମ୍ନ ଶିକ୍ଷାରୁ ବଞ୍ଚିତ ହୋଇ ଚାଲାଣ, ଭିକ୍ଷା ଓ ଅନ୍ୟାନ୍ୟ କୁବୃତ୍ତିରେ ନିଯୁକ୍ତି, ଧର୍ଷଣ ହତ୍ୟା ଇତ୍ୟାଦି ଆଦିର ଶିକାର ହେଉଛନ୍ତି କାହିଁକି ?

'ଝିଅ ଜନମ ପର ଘରକୁ' ବା 'ଦେଲେ ନାରୀ ହେଲେ ପାରି' ପରି ଲିଙ୍ଗଗତ ଭେଦଭାବ ପ୍ରଥମେ ଆରମ୍ଭ ହୁଏ ପରିବାରରୁ। ବାଳିକା ଶିଶୁଟିଏ ପ୍ରଥମେ ନିଜ ଘରେ ପୁଅଝିଅ ତାରତମ୍ୟର ଶିକାର ହୁଏ। ପୁଷ୍ଟିକର ଖାଦ୍ୟ, ଶିକ୍ଷା ଓ ଉପଯୁକ୍ତ ଯତ୍ନରୁ ବଞ୍ଚିତ ହୁଏ। ତେଣୁ ପ୍ରଥମେ ପରିବାର କହିଲେ ମାଆବାପାଙ୍କ ମାନସିକତାର ପରିବର୍ତ୍ତନ ନିହାତି ଦରକାର। ପୁଅ ଓ ଝିଅ ଉଭୟଙ୍କର ଯେ ସମାନ ଆବଶ୍ୟକତା ଓ ଅଧିକାର ରହିଛି, ଘର ଭିତରୁ ଏହି ମାନସିକତାର ପରିବର୍ତ୍ତନ ଧୀରେ ଧୀରେ ସମାଜରେ ବାଳିକା ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାରେ ସହାୟକ ହୁଏ। ପରବର୍ତ୍ତୀ ସମୟରେ ଗ୍ରାମାଞ୍ଚଳରେ ପିତାମାତାଙ୍କ ସହିତ ପଞ୍ଚାୟତ ସ୍ତରରେ ଅଙ୍ଗନବାଡ଼ି କର୍ମଚାରୀ ହୁଅନ୍ତୁ ବା ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ହୁଅନ୍ତୁ ବାଳିକା ଶିଶୁର ପୁଷ୍ଟିକର ଖାଦ୍ୟ ଓ ପ୍ରାଥମିକ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧ କରି ସେଥିପ୍ରତି ଧ୍ୟାନ ଦେବା ଉଚିତ। ରାଜା ରାମମୋହନ ରାୟଙ୍କ ସମୟରୁ ବାଲ୍ୟ ବିବାହକୁ ବେଆଇନ ଘୋଷଣା କରାଯାଇଥିଲେ ମଧ୍ୟ ପିତାମାତାଙ୍କ ଅନ୍ଧବିଶ୍ୱାସ ଯୋଗୁଁ ଅନୁନ୍ନତ ଅଞ୍ଚଳର ବାଳିକା ଶିଶୁ ଆଜି ପର୍ଯ୍ୟନ୍ତ ବାଲ୍ୟ ବିବାହର ଶିକାର ହେଉଛନ୍ତି। ଶିଶୁମାନଙ୍କ ସୁରକ୍ଷା ପାଇଁ କଡା ଆଇନର ବ୍ୟବସ୍ଥା ଥିଲେ ମଧ୍ୟ କିଛି ବ୍ୟକ୍ତିଙ୍କ କୁତ୍ସିତ ମାନସିକତା ଆଜି ବାଳିକା ଶିଶୁଙ୍କ ଜୀବନକୁ ବିପଦଶଙ୍କୁଳ କରି ରଖିଛି। ଧର୍ଷଣ ଓ ହତ୍ୟାର ଶିକାର ହେଉଛନ୍ତି ଶହଶହ ନୀରିହ ବାଳିକା। ମାନସିକତାର ପରିବର୍ତ୍ତନ କେବଳ ଦୃଢ଼ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦୂର କରାଯାଇ ପାରିବ। ଆଇନର ବିଭିନ୍ନ ଗଳାବାଟ ପାଇଁ ଦୋଷୀ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛି। ଆଖିଦୃଶିଆ ଦଣ୍ଡବିଧାନ ବହୁତ କମ ହେବା ଦ୍ୱାରା ବିକୃତ ମାନସିକତାର ପରିବର୍ତ୍ତନ ସମ୍ଭବ ହୋଇପାରୁ ନାହିଁ।

ଆଇନର ସଫଳ କାର୍ଯ୍ୟକାରିତା ବହୁ ମାତ୍ରାରେ ଲୋକମାନଙ୍କର ମାନସିକ ପରିବର୍ତ୍ତନ ଉପରେ ନିର୍ଭର କରେ। ତେଣୁ ପ୍ରତିବର୍ଷ ଜାତୀୟ ବା ଅନ୍ତର୍ଜାତୀୟ ବାଳିକା ଦିବସକୁ ପାଳନ କରିବା ଅବସରରେ ବାଳିକା ଶିଶୁଙ୍କ ସୁରକ୍ଷା ପାଇଁ ଏକ ସୁନ୍ଦର ନିରାପଦ ସମାଜରେ ତାଙ୍କର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଉପଯୁକ୍ତ ସାମାଜିକ ବ୍ୟବସ୍ଥା ସହିତ ନ୍ୟାୟିକ ବ୍ୟବସ୍ଥାରେ ରହିଯାଇଥିବା ତ୍ରୁଟିକୁ ସୁଧାରି କଠୋର ଓ ତ୍ୱରିତ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇ ପାରିଲେ ତାହା ସେମାନଙ୍କ ପାଇଁ ସର୍ବଶ୍ରେଷ୍ଠ ଉପହାର ହୋଇପାରିବ, ଏଥିରେ ସନ୍ଦେହ ନାହିଁ। ଜାତୀୟ ବାଳିକା ଦିବସ କେବଳ ଏକ ଦିବସ ହୋଇ ନ ରହି ଏକ ସାମାଜିକ ପରିବର୍ତ୍ତନର ଧାରକ ହେଉ ! ଏକ ନିରାପଦ ଓ ସୁରକ୍ଷିତ ସମାଜ ସେମାନଙ୍କ ପ୍ରାଥମିକତା ଓ ମୌଳିକ ଅଧିକାର।

# ବିଲକିସ୍ ବାନୋ ମାମଲା: ଆତ୍ମସମର୍ପଣ କଲେ ୧୧ ଅଭିଯୁକ୍ତ

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ, ବହୁ ଚର୍ଚ୍ଚିତ ଗୁଜରାଟ ବିଲକିସ୍ ବାନୋ ଗଣଦୁଷ୍କର୍ମ ମାମଲାର ସମସ୍ତ ୧୧ ଅଭିଯୁକ୍ତ ଗତକାଲି ଆତ୍ମସମର୍ପଣ କରି ସାରିଛନ୍ତି। ସମସ୍ତ ଅଭିଯୁକ୍ତ ପଞ୍ଚମହଲ ଜିଲ୍ଲାର ଗୋଧ୍ରା ଉପ-କାରଗାରରେ ଗତକାଲି ଆତ୍ମସମର୍ପଣ କରିଛନ୍ତି।



ବିଲକିସ୍ ବାନୋ ଗଣଦୁଷ୍କର୍ମ ମାମଲାର ୧୧ ଦୋଷୀଙ୍କୁ ଗୁଜରାଟ ସରକାର ମୁକ୍ତ କରିଥିବା ବେଳେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ଦୁଇ ସପ୍ତାହ ଭିତରେ ଆତ୍ମସମର୍ପଣ କରିବାକୁ ସମସ୍ତ ଦୋଷୀଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ମାତ୍ର ଅଭିଯୁକ୍ତମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସ୍ୱାସ୍ଥ୍ୟ ଖରାପ ଥିବା, ନିକଟରେ ସର୍ଜରୀ ଆବଶ୍ୟକ ଥିବା ତଥା ପୁଅ, ଝିଅଙ୍କ ବିବାହ ଥିବାରୁ ଆତ୍ମସମର୍ପଣ ପାଇଁ ଅଧିକ ସମୟ ମାଗିଥିଲେ। ମାତ୍ର ଏହି ସବୁ କାରଣ ସେତେ ଠୋସ୍ ହୋଇ ନ ଥିବା କହି ସୁପ୍ରିମ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ଏହାପରେ ଗତ କାଲି ସମସ୍ତ ଅଭିଯୁକ୍ତ ଆତ୍ମସମର୍ପଣ କରିଛନ୍ତି।

ଅଗଷ୍ଟ ୨୦୨୨ରେ ଗୁଜରାଟ ସରକାର ବିଲକିସ୍ ବାନୋ ଗଣଦୁଷ୍କର୍ମ ମାମଲାରେ ଆଜୀବନ କାରା ଦଣ୍ଡାଦେଶରେ ଦଣ୍ଡିତ ହୋଇଥିବା ୧୧ ଦୋଷୀଙ୍କୁ ମୁକ୍ତ କରିଥିଲେ। ତେବେ ସମୟ ପୂର୍ବରୁ ଦୋଷୀମାନଙ୍କୁ ମୁକ୍ତ କରିବାକୁ ନେଇ ୩୦ ନଭେମ୍ବର ୨୦୨୨ରେ ସୁପ୍ରିମକୋର୍ଟରେ ଦୁଇଟି ଆବେଦନ କରାଯାଇଥିଲା।

ପ୍ରଥମ ଆବେଦନରେ ଦୋଷୀଙ୍କୁ ମୁକ୍ତ କରିବାକୁ ଚ୍ୟାଲେଞ୍ଜ କରି ସେମାନଙ୍କୁ ଜେଲ ପଠାଇବାକୁ ଦାବି କରାଯାଇଥିଲା। ଦ୍ୱିତୀୟଟିରେ ସୁପ୍ରିମକୋର୍ଟଙ୍କ ଆଦେଶର ପୁନର୍ବିଚାର କରିବାକୁ ଦାବି କରାଯାଇଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ଖଲାସ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

୨୦୦୨ ଗୁଜୁରାଟ ଦଙ୍ଗା ସମୟରେ ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ କରିବା ସହ ତାଙ୍କ ପରିବାର ସାତ ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିଲା। ସେହି ସମୟରେ ବିଲକିସ ବାନୋଙ୍କ ବୟସ ୨୧ ବର୍ଷ ଥିଲା ଓ ସେ ପାଞ୍ଚ ମାସର ଗର୍ଭବତୀ ଥିଲେ। ଏହି ମାମଲାରେ ମୁମ୍ବାଇର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ୨୧ ଜାନୁଆରୀ ୨୦୦୮ରେ ସମସ୍ତ ୧୧ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ଏହି ନିଷ୍ପତ୍ତିକୁ ବମ୍ବେ ହାଇକୋର୍ଟ ମଧ୍ୟ ସମର୍ଥନ ଜଣାଇଥିଲେ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**
6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର